ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ✓ ଶରତ ନାରାୟଣ ବେହେରା
RNI No. 66443/94

Vol.27 | Issue - 4 | 22 - 28 January 2023 | Sambalpur | Page- 8 | Invitation Price Rs.10

# ସମ୍ବଲପୁର ଲୋକ ମହୋତ୍ସବ ଉଦ୍‌ଯାପିତ





ସମ୍ବଲପୁର : ଦୀର୍ଘ ୫ ଦିନ ଧରି ଚାଲିଥିବା ସମ୍ବଲପୁର ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ସମ୍ବଲପୁରରୁ ଆରମ୍ଭ କରି ଶ୍ରୀଲଙ୍କା ପର୍ଯ୍ୟନ୍ତ ମହୋତ୍ସବରେ ସାମିଲ ହୋଇଥିବା ସବୁ ଲୋକନୃତ୍ୟ ଦଳର ମିଳିତ ଫ୍ୟୁଜନ୍ ନୃତ୍ୟ ଦର୍ଶକଙ୍କ ମଧ୍ୟରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା । ସେହିପରି ଆତସବାଜିର ଆସରରେ ବୀର୍ସା ମଇଦାନ କମ୍ପି ଉଠିଥିଲା । ଉଦଯାପନୀ ସନ୍ଧ୍ୟାରେ ହସ୍ତଶିଳ୍ପୀ ମନ୍ତ୍ରୀ ରୀତା ସାହୁ, ଲୋକକବିରତ୍ନ ପଦ୍ମଶ୍ରୀ ହଳଧର ନାଗ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ହିଣ୍ଡାଲକୋ ହୀରାକୁଦ ମୁଖ୍ୟ କୈଳାସ ପାଣ୍ଡେ, ଶ୍ୟାମ ମେଟାଲିକ୍ସ ନିର୍ଦ୍ଦେଶକ ଡି.କେ. ତିୱାରୀ, ଜେଏସ୍‌ଡବ୍ଲୁ ଭୂଷଣ କାରଖାନା ମୁଖ୍ୟ ଅନିଲ ସିଂହ, ଆଦିତ୍ୟ ଆଲୁମିନିଅମ କ୍ଲଷ୍ଟର ମୁଖ୍ୟ ସମୀର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ନୋଡାଲ ଅଫିସର ତଥା ଏସ୍‌ଏମ୍‌ସି କମିଶନର ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ତଥା ମୁଖ୍ୟ ସଂଯୋଜକ ରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଲୋକନୃତ୍ୟଶିଳ୍ପୀ ଗାନ୍ଧୀ ବାରିକ ଏବଂ କୃଷ୍ଣଗୁରୁ କଳାକାର ଯମୁନା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଉଦଯାପନୀ ସମାରୋହରେ ଜିଲ୍ଲାପାଳ ଅନନ୍ୟା ଦାସ ମଧ୍ୟ ସାମିଲ ହୋଇଥିଲେ । ଆଉ ସମସ୍ତ ଆୟୋଜକ କଳାକାରଙ୍କ ସହ ନୃତ୍ୟ କରି ବିଦାୟ ଦେଇଥିଲେ ଲୋକ ମହୋତ୍ସବ ୨୦୨୩କୁ । ଶେଷରେ ସହ ନୋଡାଲ ଅଫିସର ତଥା ଉପଜିଲ୍ଲାପାଳ ପ୍ରଭାସ ଉନସନା ଧନ୍ୟବାଦ ଅର୍ପଣ କରିଥିଲେ ।



# ହକି ମହୋତ୍ସବ ଉପଲକ୍ଷେ ଷ୍ଟାର୍ ନାଇଟ୍




ସମ୍ବଲପୁର : ସ୍ଥାନୀୟ ଅଇଁଠାପାଲି ସ୍ଥିତ ବୀର୍ସା ମଇଦାନରେ ଦୀର୍ଘ ୫ ଦିନ ଧରି ଚାଲିଥିବା ସମ୍ବଲପୁର ଲୋକ ମହୋତ୍ସବ ଉଦଯାପିତ ହେବା ପରେ ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ପଦ୍ମଶ୍ରୀ କୈଳାସ ଖେରଙ୍କ ଷ୍ଟାର୍ ନାଇଟ୍ ପ୍ରଦର୍ଶିତ ହୋଇଥିଲା । ସୋଫି ସଂଗୀତ ପାଇଁ ସାରା ବିଶ୍ୱରେ ନାଁ କରିଥିବା ପ୍ରସିଦ୍ଧ ବଲିଉଡ କଣ୍ଠଶିଳ୍ପୀ ପଦ୍ମଶ୍ରୀ କୈଳାସ ଖେର ତାଙ୍କ କୈଳାସା ବ୍ୟାଣ୍ଡ ସହିତ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରି ଦେଇଥିଲେ ।
କାର୍ଯ୍ୟକ୍ରମ ଆରମ୍ଭରୁ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ହସ୍ତଶିଳ୍ପ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ପ୍ରମୁଖ ଯୋଗଦେଇ ହକି ବିଶ୍ୱକପ୍ ଆୟୋଜନ ଦ୍ୱାରା ସାରା ବିଶ୍ୱରେ ଓଡିଶା ଗୌରବ ସାଉଁଟିଛି ବୋଲି କହିଥିଲେ । ଶେଷରେ କମିଶନର ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଥକ ନାଚି ମନ ମୋହିଲେ ସୋନପୁର ଜିଲ୍ଲାପାଳ

ସୋନପୁର : ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଥକ ନାଚ ମାଧମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲି ନରୱାଣେଙ୍କ ଏକକ କଥକ ନୃତ୍ୟ ମାଧମରେ ସଚେତନତା ବାର୍ତ୍ତା ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା ।






କନ୍ୟା ସନ୍ତାନ ଉପରେ ଆଧାରିତ ମରାଠୀ ଗୀତ 'ଓରେ ଚିରେୟା' ଜିଲ୍ଲାପାଳ ଗାଇ ସମସ୍ତଙ୍କର ପ୍ରଶଂସା ପାଇଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ୨୦୧୫ ବ୍ୟାଚ୍‌ର ଆଇ.ଏ.ଏସ୍ ଅଧିକାରୀ ଶ୍ରୀମତୀ ନରୱାଣେ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଯୋଗ ଦେବା ପରଠାରୁ ଜିଲ୍ଲାର ଉଲୁଣ୍ଡା, ବିନିକା ଓ ସୋନପୁର ଠାରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଅବସରରେ ସାଧାରଣ ଲୋକଙ୍କ ଗହଣରେ ନାଚି ସମସ୍ତଙ୍କୁ ଚମତ୍କୃତ କରି ଦେଉଛନ୍ତି । ଗୁରୁ ଶ୍ୟାମା ଭଟ୍ଟଙ୍କ ଠାରୁ ସେ ୭ ବର୍ଷ ବୟସରୁ କଥକ ନୃତ୍ୟ ଶିକ୍ଷା କରିଥିଲେ । ଏଥିପାଇଁ ସେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପକ୍ଷରୁ ମଧ ପୁରସ୍କୃତ ହୋଇଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ କରିବା ପାଇଁ ସେ ଏକ ଅଭିଯାନ ଗତ ବର୍ଷ ମଇ ମାସରୁ ଆରମ୍ଭ କରିଛନ୍ତି । ୧୫ ରୁ ୧୮ ବର୍ଷ ମଧରେ ୯୦୦ ବାଳିକା ସ୍କୁଲ ଛାଡି ଆସିଥିବା ମଧ ଚିହ୍ନଟ କରିଛନ୍ତି । ସେମାନଙ୍କୁ ପୁନର୍ବାର ସ୍କୁଲ ଆସି ପାଠ ପଢ଼ିବାକୁ ସେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଯେଉଁ ଛାତ୍ରୀମାନେ ଦଶମ ଶ୍ରେଣୀରେ ଫେଲ୍ ହୋଇଛନ୍ତି ସେମାନେ ଚଳିତ ବର୍ଷ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ କରିବାକୁ ଶ୍ରେଣୀ କକ୍ଷରେ ବସାଇବାର ସୁଯୋଗ ମଧ ଦେଇଛନ୍ତି । ଯେଉଁ ବାଳିକାମାନେ ସ୍କୁଲ ଓ କଲେଜରେ ପାଠ ପଢ଼ିବା ପାଇଁ ଚାହୁଁ ନାହାନ୍ତି ସେମାନଙ୍କୁ ମୁକ୍ତ ବିଦ୍ୟାଳୟ ମାଧମରେ ଆଇଟିଆଇ ଓ ପଲି ଟେକ୍‌ନିକ୍ସରେ ନାମ ଲେଖାଇଛନ୍ତି । ଗତ ୨୦୨୦ ଏବଂ ୨୦୨୧ ମସିହାରେ ଜିଲ୍ଲା ପ୍ରଶାସନ ୧୨୮ ଟି ବାଲ୍ୟ ବିବାହ ରୋକିଥିଲା । ସେହିପରି ଜିଲ୍ଲାର ୯୬୦ ଗ୍ରାମ ମଧରୁ ୭୫୩ ଗ୍ରାମକୁ ପ୍ରଶାସନ ବାଲ୍ୟ ବିବାହ ମୁକ୍ତ ବୋଲି ଘୋଷଣା କରିଛି । ଏହାଛଡ଼ା ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସଭା ସମିତିର ଆୟୋଜନ ମଧ କରାଯାଉଛି ।

ସୋନପୁରର ପ୍ରାକ୍ତନ ଏସପି ସାରା ଶର୍ମା ମଞ୍ଚରେ ଦୁଇଟି ସୁନ୍ଦର ସଂଗୀତ ପରିବେଷଣ କରିଥିଲେ । ସଂଗୀତକାର ଶାଶ୍ୱତ ତ୍ରିପାଠୀ ହକି ସଂଗୀତ ଗାନ କରି ଜାତୀୟ ଖେଳ ହକି ଉପରେ ସମସ୍ତଙ୍କୁ ଆକର୍ଷିତ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ନିରୋଧ ଉପରେ ମଞ୍ଚରେ ନାଟକ ମାଧମରେ ସଚେତନତା ବାର୍ତ୍ତା ଦେଇଥିଲେ, ଯାହାକି ଉପସ୍ଥିତ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା ।

## ଏ ସଂଖ୍ୟାରେ..


ହିତକାରୀ ସେଓ


ରକ୍ତଚାପକୁ ସନ୍ତୁଳିତ ରଖେ ଗ୍ରୀନ୍ ମଟର


ଦେହକୁ ହିତ ଲାଉରସ


ଅନେକ ରୋଗର ମହୌଷଧୀ ତେନ୍ତୁଳି ପତ୍ର


ଷ୍ଟ୍ରୋକ୍ ଆଶଙ୍କା କମାଏ ଦହି, ଫଳ


ଜଡ଼ାର ଉପକାରିତା

# ଭାରତୀୟ ସଂସ୍କୃତି ଓ ବିଶ୍ୱ ସଂସ୍କୃତି

**ଆ**ଜି ଆମେ ବିକାଶର ଚରମ ସ୍ଥିତିରେ ବୈଶ୍ୱିକ ସଂକଟର ଏକ ନୂଆ ସମୟ ଅତିକ୍ରମ କରୁଛେ । ଟେକ୍‌ନିକ୍‌ର ବିକାଶ ସହିତ ପୂରା ବିଶ୍ୱ ଏକ ଗାଁରେ ପରିଣତ ହୋଇ ଯାଇଥିବା ବେଳେ ଲୋକଙ୍କ ହୃଦୟର ଦୂରତା ବଢ଼ି ଚାଲିଛି ଏବଂ କେଉଁଠି କେଉଁଠି ତ ଏହା ସଂଘର୍ଷ ରୂପେ ଭୟଙ୍କର ଘୃଣା, ବିଦ୍ୱେଷ, ହିଂସା ଏପରିକି ଯୁଦ୍ଧର ରୂପ ଗ୍ରହଣ କରିଛି । ଏପରି ସ୍ଥିତିରେ ପାରସ୍ପରିକ ସଦ୍‌ଭାବ, ବିଶ୍ୱାସ ଓ ମାନବୀୟ ମୂଲ୍ୟଗୁଡ଼ିକର ଆବଶ୍ୟକତା ପୂର୍ବ ଅପେକ୍ଷା ବହୁତ ଅଧିକ ଅନୁଭୂତ ହେଉଛି ।

ଏଠାରେ ଭାରତୀୟ ସଂସ୍କୃତିର ମହତ୍ତ୍ୱ ପୂର୍ବ ଅପେକ୍ଷା ଅଧିକ ପ୍ରାସଙ୍ଗିକ ହୋଇଯାଏ, ଯାହା ନିଜର ସାର୍ବଭୌମ ସ୍ୱରୂପ ଓ ଶାଶ୍ୱତ ମୂଲ୍ୟଗୁଡ଼ିକ ଆଧାରରେ ବିଶ୍ୱ ସଂସ୍କୃତିର ଭୂମିକାରେ ନିଜର ଯୋଗଦାନ ଦେଇ ପାରିବ । ବ୍ୟକ୍ତିତ୍ୱକୁ ପରିମାର୍ଜିତ ଓ ପରିଷ୍କୃତ କରୁଥିବା ପକ୍ଷ ରୂପେ ଏହା ସଂସ୍କୃତିର ଯଥାର୍ଥ ପରିଭାଷାକୁ ବସ୍ତୁତଃ ଚରିତାର୍ଥ କରିଥାଏ । ଭାରତୀୟ ସଂସ୍କୃତିର ଏପରି ସ୍ୱରୂପକୁ ମୁକ୍ତକଣ୍ଠରେ ପ୍ରଶଂସା କରି ବିଶ୍ୱବିଖ୍ୟାତ କଳା ସମୀକ୍ଷକ ହେବଲ କହନ୍ତି– "ଅନ୍ୟ କୌଣସି ରାଷ୍ଟ୍ର, ପ୍ରାଚୀନ ହେଉ ବା ଆଧୁନିକ, ଏତେ ଉଚ୍ଚ ସଂସ୍କୃତିର ନିର୍ମାଣ କରି ନାହିଁ । କୌଣସି ଧର୍ମକୁ ଜୀବନ ଦର୍ଶନ କରିବାରେ ଏତେ ସଫଳତା ମିଳି ନାହିଁ । ଏପରିକି କୌଣସି ମାନବୀୟ ଜ୍ଞାନ ଏତେ ସମୃଦ୍ଧ ଓ ଶକ୍ତିଶାଳୀ ହୋଇପାରି ନାହିଁ, ଯେତେ ଭାରତରେ ହୋଇଛି ।

ଏହି ପ୍ରକାର ଭାରତୀୟ ସଂସ୍କୃତିର ଜ୍ଞାନ-ବିଜ୍ଞାନ ପରମ୍ପରାରେ ମୁଗ୍ଧ ହୋଇ ଜର୍ମାନୀର ବିଦ୍ୱାନ ମାକ୍ସମୂଲର ଲେଖୁଛନ୍ତି– ଯଦି ମୋତେ ପଚରାଯାଏ ଯେ କେଉଁ ଦେଶରେ ମାନବ ମସ୍ତିଷ୍କ ତାହାର ସୂକ୍ଷ୍ମତମ ଶକ୍ତିଗୁଡ଼ିକୁ ବିକଶିତ କରିଛି, ଜୀବନର ବଡ଼ରୁ ବଡ଼ ପ୍ରଶ୍ନଗୁଡ଼ିକ ଉପରେ ବିଚାର କରିଛି, ତ ମୁଁ ଭାରତବର୍ଷ ଆଡ଼କୁ ସଂକେତ କରିବି । ଜୀବନର ଏହି ସମାଧାନ ସୂତ୍ର ଓ ସାଂସ୍କୃତିକ ବିଶେଷତାଗୁଡ଼ିକ ଆଧାରରେ ଭାରତ ଠାରୁ ଆଜିର ବିଶ୍ୱ ବହୁତ ଆଶା କରୁଛି ଏବଂ ଏହା ଠାରୁ ଯୁଗମାନସର ଦିଶାବୋଧ କରିବା ଓ ଏହାର ସାଂସ୍କୃତିକ ନେତୃତ୍ୱର ସୁଦୀର୍ଘ ଅପେକ୍ଷା କରାଯାଉଛି ।

ଦୀର୍ଘକାଳୀନ ସ୍ଥାୟୀତ୍ୱ– ହଜାର ହଜାର ବର୍ଷର ବଳବତ୍ତର ସଂଘର୍ଷ ଓ ବିକାଶ ଯାତ୍ରା ପରେ ବି ଭାରତୀୟ ସଂସ୍କୃତିର ପ୍ରବାହ ରହିଛି । ମିଶର, ବେବିଲୋନ, ୟୁନାନ, ରୋମାନ, ସୁମେର ଭଳି ପ୍ରାଚୀନ ସଭ୍ୟତା ଗୁଡ଼ିକର ଆଜି ଅବଶେଷ ମାତ୍ର ମିଳିଥାଏ, ଯେଉଁଗୁଡ଼ିକ ସେମାନଙ୍କ ଚରମ ବୈଭବକୁ ପ୍ରାପ୍ତ ହୋଇ ବିଲୀନ ହୋଇଗଲେ । ଇତିହାସର ବିଶେଷଜ୍ଞଙ୍କ ବ୍ୟତୀତ ଅନ୍ୟ କାହାରି ଏହି ଜ୍ଞାନ ନାହିଁ । ଇକବାଲ ଠିକ୍ ହିଁ କହିଥିଲେ –

ୟୁନାନ, ମିସ୍ର ଔର ରୋମ, ସବ ମିଟ ଗଏ ଜହାଁ ସେ ।

କୁଛ ବାତ ହୈ କି ହସ୍ତୀ ମିଟତୀ ନହୀ ହମାରୀ ।

ଏହି କାଳଜୟୀ ଅସ୍ତିତ୍ୱର କାରଣ ହେଉଛି ଏହାର ଧର୍ମ ଓ ଅଧ୍ୟାତ୍ମ ତତ୍ତ୍ୱ, ଯାହା ଏହାର କାଳଜୟୀ ଗ୍ରନ୍ଥଗୁଡ଼ିକ ଯଥା- ବେଦ, ଉପନିଷଦ୍, ସ୍ମୃତି ଗ୍ରନ୍ଥ, ରାମାୟଣ, ମହାଭାରତ, ଷଡ଼ଦର୍ଶନ ଆଦି ତଥା ଏହି ପୁଣ୍ୟଭୂମିରେ ସମୟ ସମୟରେ ଜନ୍ମ ନେଉଥିବା ଦିବ୍ୟ ଆତ୍ମାଗଣ ଏବଂ ମହାପୁରୁଷମାନଙ୍କ ଅନ୍ତହୀନ ଶୃଙ୍ଖଳା ମାଧ୍ୟମରେ ଆଜି ପର୍ଯ୍ୟନ୍ତ ପ୍ରବହମାନ, ଯାହା ପିଢ଼ି ଗୁଡ଼ିକୁ ଆଲୋକିତ କରି ଆସୁଛି । ଏହି ଆଧାରରେ ଏହାର ମୂଳସ୍ୱରୂପ ଯଥାବତ୍ ରହିଛି ; ଯଦିଓ ଏହାକୁ ନଷ୍ଟଭ୍ରଷ୍ଟ କରିବା ଓ ନିଶ୍ଚିହ୍ନ କରିଦେବା ପାଇଁ ଅନେକ ଆକ୍ରମଣକାରୀ ଏହା ଉପରେ ସାଂଘାତିକ ପ୍ରହାର କଲେ, କିନ୍ତୁ ଏହାର ଅଧ୍ୟାତ୍ମ ତତ୍ତ୍ୱ ସମକ୍ଷରେ ସମସ୍ତ ପ୍ରୟାସ ନଗଣ୍ୟ ହୋଇଗଲା ।

ମହର୍ଷି ଅରବିନ୍ଦଙ୍କ ଶବ୍ଦରେ- ଆଧ୍ୟାତ୍ମିକତା ଭାରତୀୟ ସଂସ୍କୃତିକୁ ବୁଝିବାର ଚାବି, ଯାହା ଏହାକୁ ଅନ୍ୟ ସଂସ୍କୃତିଗୁଡ଼ିକ ଠାରୁ ଅଲଗା କରିଥାଏ । ଆତ୍ମା-ପରମାତ୍ମା ଉପରେ ଯେତିକି ଚିନ୍ତନ ଏଠାରେ ହୋଇଛି, ସେତିକି ଅନ୍ୟତ୍ର କେଉଁଠି ହୋଇଥିବା ବିରଳ । ଆଗକୁ ଶ୍ରୀ ଅରବିନ୍ଦ ଲେଖୁଛନ୍ତି- ଭାରତୀୟ ସଭ୍ୟତାରେ ଧର୍ମ ଦ୍ୱାରା କ୍ରିୟାଶୀଳ ହୋଇଥିବା ଦର୍ଶନ ଓ ଦର୍ଶନ ଦ୍ୱାରା ଆଲୋକିତ ଧର୍ମ ହିଁ ନେତୃତ୍ୱ କରି ଆସିଛି । ବାକି ସବୁ ଜିନିଷ କଳା, କାବ୍ୟ ଆଦି ଯଥାସମ୍ଭବ ତାହାର ଅନୁସରଣ କରୁଛନ୍ତି । ନିଃସନ୍ଦେହ ଏହା ହେଉଛି ଭାରତୀୟ ସଂସ୍କୃତିର ପ୍ରଥମ ବିଶେଷତା ।

ଏହା ପଛରେ ଥିବା ତଥ୍ୟ ହେଉଛି, ଭାରତୀୟ ସଂସ୍କୃତି ଆରମ୍ଭରୁ ହିଁ ଏକ ଆଧ୍ୟାତ୍ମିକ ଓ ଅନ୍ତର୍ମୁଖୀ, ଧାର୍ମିକ ଓ ଦାର୍ଶନିକ ସଂସ୍କୃତି ରହି ଆସିଛି ଏବଂ ବରାବର ଏହିପରି ଚାଲିଆସିଛି । ଏଠାରେ ଧନବାନ୍ ଓ ଶାସକମାନଙ୍କୁ ସେତେ ପ୍ରତିଷ୍ଠା ମିଳି ନାହିଁ, ଯେତିକି ଆଧ୍ୟାତ୍ମିକ ମହାପୁରୁଷମାନଙ୍କୁ ମିଳିଛି ।

ବ୍ୟାପକତା ଓ ସମଗ୍ରତା ହେଉଛି ଭାରତୀୟ ସଂସ୍କୃତିର ଅନ୍ୟ ବିଶେଷତା । ଜୀବନର ସମଗ୍ର ପରିଷ୍କାରର, ସମାଜର ବହୁମୁଖୀ ବିକାଶର, ଚେତନାର ଆତ୍ୟନ୍ତିକ ଉତ୍କର୍ଷର ଯେଉଁ ଚିନ୍ତନ ଏଠାରେ ମିଳିଥାଏ, ତାହା ଅନ୍ୟତ୍ର ଦୁର୍ଲଭ । ଏହି କାରଣରୁ ଯିଏ ବି ବିଚାରଶୀଳ ଓ ସତ୍ୟାନ୍ୱେଷୀ ବିଦେଶୀ ଏହାର ଶାଶ୍ୱତ ଚିନ୍ତନର ଧାରାରେ ସାମାନ୍ୟ ମାତ୍ର ଅବଗାହନ କରିଗଲେ, ସେମାନେ ସବୁ ଦିନ ପାଇଁ ଭାରତୀୟ ସଂସ୍କୃତିର ହୋଇ ରହିଗଲେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ପ୍ରତ୍ୟେକ ଯୁଗରେ ଓ ପ୍ରତ୍ୟେକ ଦେଶରେ ଭାରତୀୟ ସଂସ୍କୃତିର ଏପରି ପ୍ରେମୀମାନଙ୍କର ଲମ୍ବା ତାଲିକା ମିଳିଯିବ, ଯେଉଁମାନେ ଆକାଶ ଠାରୁ ବ୍ୟାପକ ଏବଂ ସାଗର ଠାରୁ ଗଭୀର ଦର୍ଶନ ଦ୍ୱାରା ପ୍ରଭାବିତ ଥିଲେ । ଜୀବନର ଏମିତି କୌଣସି କ୍ଷେତ୍ର ନାହିଁ, ଯାହା ଏହା ଠାରୁ ଅସ୍ପର୍ଶ ରହିଥିବ । ଏଠାରେ ଜୀବନର ଲୌକିକ ଓ ଆଧ୍ୟାତ୍ମିକ ଉନ୍ନୟନ ସକାଶେ ଧର୍ମ, ଅର୍ଥ, କାମ ଓ ମୋକ୍ଷର ଅଦ୍‌ଭୁତ ଚିନ୍ତନ ଉପଲବ୍ଧ ହୋଇଥାଏ ।

ଜୀବନ ଓ ସମାଜକୁ କ୍ରମିକ ସୋପାନଗୁଡ଼ିକ ସହିତ ପାର କରି ଏହାକୁ ଚରମୋତ୍କର୍ଷ ପର୍ଯ୍ୟନ୍ତ ନେଇ ଯାଉଥିବା 'ବର୍ଷ- ଆଶ୍ରମ ବ୍ୟବସ୍ଥା' ଏହାର ନିଜସ୍ୱ ବିଲକ୍ଷଣ ବିଶେଷତା ରହି ଆସିଛି । କାଳକ୍ରମେ ଏଥିରେ ଅଳ୍ପ ବିକୃତି ଅବଶ୍ୟ ଆସିଯାଇଛି, ଏକଥା ଅଲଗା, କିନ୍ତୁ ଏଥିରେ ନିହିତ ସନ୍ଦେଶ ସ୍ୱୟଂରେ ସମଗ୍ର ଓ ବିଚାରଣୀୟ । ମିଳାମିଶା, ମିଶ୍ରିତ ସଂସ୍କୃତି -ଏହାର ବିକାଶରେ ନିଃସନ୍ଦେହ ରୂପେ ବିଭିନ୍ନ ସଂସ୍କୃତିର ଯୋଗଦାନ ରହିଛି । ଆର୍ଯ୍ୟ, ଅନାର୍ଯ୍ୟ, ଶକ, ହୁଣ, ୟୁନାନୀ, କୁଷାଣ, ପାରସୀ ଆଦି ଏଠାକୁ ଆସିବାରେ ଲାଗିଲେ ଓ ଏଥିରେ ସମାହିତ ହୋଇଗଲେ । ସମସ୍ତେ ଏଥରେ କେଉଁଠି ସମାହିତ ହୋଇଗଲେ ଆଜି ଏହାର ଭେଦ କରିବା କଷ୍ଟକର ।

ଭାରତୀୟ ସଂସ୍କୃତିର ଏହି ସମନ୍ୱୟ ଶକ୍ତି ସ୍ୱୟଂରେ ଅଦ୍ଭୁତ ଓ ବିରଳ । ଏହାର ତୁଳନା ସେହି ମହାସାଗର ସହିତ କରାଯାଇପାରେ, ଯେଉଁଥିରେ ଅନେକ ସଂସ୍କୃତି ବିଭିନ୍ନ ଦିଗରୁ ଆସି ସମ୍ମିଳିତ ହୋଇଚାଲିଲା । ଏହା ସେମାନଙ୍କର ଦର୍ଶନ, ବିଚାର, କଳା, ଜ୍ଞାନ-ବିଜ୍ଞାନ ଆଦି ସବୁକୁ ଗ୍ରହଣ କରି, ହୃଦୟଙ୍ଗମ କରି ଆପଣାଇ ଚାଲିଲା । ଏହି ଆଧାରରେ ବିବିଧତାରେ ଏକତା ଭାରତୀୟ ସଂସ୍କୃତିର ଏକ ପ୍ରମୁଖ ବିଶେଷତା ଅଟେ ।

ଏହା ସହିତ ଜଡ଼ିତ ପକ୍ଷ ହେଉଛି ଏହାର ଉଦାରତା ସହିଷ୍ଣୁତା । ବେଦବାକ୍ୟ– ଏବଂ ସଦ୍‌ବିପ୍ରା ବହୁଧା ବଦନ୍ତିରେ ଏହାର ଏହି ଚିନ୍ତନ ବୀଜ ରୂପେ ମିଳିଥାଏ । ଈଶ୍ୱର ଏକ, ବାହ୍ୟ ଭେଦଗୁଡ଼ିକ ଆଧାରରେ ତାଙ୍କର ଭିନ୍ନ ଭିନ୍ନ ନାମ ହୋଇପାରେ । ଏହି କାରଣରୁ ୩୩ କୋଟି ଦେବୀ –ଦେବତାଙ୍କୁ ଏଥିରେ ସ୍ଥାନ ମିଳିଥାଏ । କେବଳ ଦେଶର ହିଁ ନୁହେଁ, ବିଦେଶରୁ ଆସିଥିବା ଧର୍ମଗୁଡ଼ିକର ଦେବୀ–ଦେବତା ଓ ଭଗବାନ ମଧ ଏଠାରେ ସହଜ ସ୍ୱୀକାର୍ଯ୍ୟତା ପାଆନ୍ତି ; କାରଣ ଭାରତୀୟ ସଂସ୍କୃତି ତାତ୍ତ୍ୱିକ ରୂପେ ସେମାନଙ୍କ ମଧ୍ୟରେ କୌଣସି ଭେଦଦୃଷ୍ଟି ରଖେ ନାହିଁ । 'ଈଶ୍ୱର ଅଲ୍ଲାହ ତେରୋ ନାମ, ସବକୋ ସନମତି ଦେ ଭଗବାନ'ର ଭଜନ ଏହି ଭାବରେ ସୃଷ୍ଟି ହୋଇଛି ।

ଏହି ଆଧାରରେ ଏଠାରେ ମୂଳତଃ ଧାର୍ମିକ ବିଦ୍ୱେଷର ସର୍ବଥା ଅଭାବ ରହିଛି । କୌଣସି ସମ୍ରାଟ ଅନ୍ୟ ଧର୍ମର ଭାବନାକୁ ଆଘାତ ଦେଇ ନାହାନ୍ତି । ଅଶୋକ ବୌଦ୍ଧ ହୋଇ ମଧ ଅନ୍ୟ ଧର୍ମ ଗୁଡ଼ିକର ଆଦର କରୁଥିଲେ ତଥା ବ୍ରାହ୍ମଣଙ୍କୁ ଦାନ କରୁଥିଲେ । ତାଙ୍କ କଥନ ମନନ ଯୋଗ୍ୟ । ସେ କହୁଥିଲେ ଯେ ସମସ୍ତ ସମ୍ପ୍ରଦାୟ ମଧ୍ୟରେ ଏକତା ବୃଦ୍ଧି ହେବା ଉପରେ ଆମେ ଯେତେ ଗୁରୁତ୍ୱ ଦେଇଥାଉ ଦାନ ବା ପୂଜାର ସେତେ ପରବାୟ କରି ନ ଥାଉ । ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ଏକତା ବୃଦ୍ଧି ଅନେକ ଉପାୟରେ ହୋଇଥାଏ, କିନ୍ତୁ ତାହାର ମୂଳ ହେଉଛି ବାଣୀର ସଂଯମ ଅର୍ଥାତ୍ ଲୋକେ ନିଜ ସମ୍ପ୍ରଦାୟର ଆଦର କରନ୍ତୁ, କିନ୍ତୁ ଅନ୍ୟ କୌଣସି ସମ୍ପ୍ରଦାୟର ନିନ୍ଦା ନ କରନ୍ତୁ ।

ଏହି ଆଧାରରେ ସତ୍ୟ, ନ୍ୟାୟ, ଅହିଂସା, ଶାନ୍ତି ଓ ପ୍ରେମ ଭଳି ମୂଲ୍ୟଗୁଡ଼ିକ ଏଠାରେ ସହଜ ରୂପେ ପାଳିତ, ବିକଶିତ ହୋଇଥାଏ । ଏହି ଆଧାରରେ ଉପନିଷଦ୍ର ମହାବାକ୍ୟ 'ସତ୍ୟମେବ ଜୟତେ' ଆଜି ରାଷ୍ଟ୍ରର ପ୍ରେରକ ବାକ୍ୟ ହୋଇ ରହିଛି । କର୍ମଫଳ ସିଦ୍ଧାନ୍ତ ଭାରତୀୟ ସଂସ୍କୃତିର ଅନ୍ୟ ବିଶେଷତା, ଯାହା ଭଗବଦ୍ ଗୀତାରେ ନିଜର ମୁଖରତମ ରୂପେ ବ୍ୟକ୍ତ ହୋଇଥାଏ । ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ଏହାର ସନ୍ଦେଶ ପାଇ ବିଷାଦଗ୍ରସ୍ତ ଅର୍ଜୁନ ନିଜ ଯୋଦ୍ଧାର ସ୍ୱଧର୍ମରେ ଜାଗ୍ରତ ହୋଇଥାନ୍ତି । ଏହି ସନ୍ଦେଶ ଜୀବନରେ ମୋକ୍ଷ ପ୍ରାପ୍ତିକୁ କେବଳ ଧର୍ମ ସହିତ ନୁହେଁ, ବରଂ କର୍ମ ସହିତ ଯୋଡ଼ିଥାଏ । ଏହା ଅନୁସାରେ ମୋକ୍ଷର ସାଧନ ହେଉଛି ଧର୍ମଯୁକ୍ତ କର୍ମ । କୁକର୍ମ ଅଧୋଗତି ଓ ପତନ ଦିଗରେ ନେଇଯାଉଥବା ବେଳେ ସତ୍‌କର୍ମ ଦ୍ୱାରା ଉତ୍ଥାନ ଓ ମୋକ୍ଷର ମାର୍ଗ ପ୍ରଶସ୍ତ ହୋଇଥାଏ, ଜୀବନର ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ ହୋଇଥାଏ ଏବଂ ବ୍ୟକ୍ତିର ଲୋକ – ପର ଲୋକ ସୁଧୁରିଥାଏ ।

ବିଶ୍ୱ ଭାରତୀୟ ସଂସ୍କୃତିର ଯେଉଁ ସର୍ବୋଚ୍ଚତା ଏବଂ ଶ୍ରେଷ୍ଠତାକୁ ସହଜ ରୂପେ ସ୍ୱୀକାର କରିଛି, ତାହାର ମୁଖ୍ୟ କାରଣ ଏଥିରେ ନିହିତ ଶାଶ୍ୱତ ଓ ଚିରସ୍ଥାୟୀ ମୂଲ୍ୟ ଅଟେ । ଏହା ହିଁ 'ଆତ୍ମବତ୍ ସର୍ବଭୂତେଷୁ' ଓ 'ବସୁଧୈବ କୁଟୁମ୍ବକମ୍' ଭଳି ଉଦାତ୍ତ ଜୀବନ ଦର୍ଶନକୁ ସମ୍ଭବ କରିଥାଏ । ଏହି ଆଧାରରେ ବ୍ୟକ୍ତି ଓ ସମାଜ ଜୀବନର ପରିବର୍ତ୍ତନଗୁଡ଼ିକୁ ସ୍ୱୀକାର କରିବା ତଥା ଏଗୁଡ଼ିକ ସହିତ ସାମଞ୍ଜସ୍ୟ ରକ୍ଷା କରିବାର ଅଦମ୍ୟ କ୍ଷମତା ପାଇଛନ୍ତି ।

ଏହି ଆଧାରରେ ଭାରତୀୟ ସଂସ୍କୃତି ବିଶ୍ୱ ସଂସ୍କୃତି ରୂପେ ନିଜର ଭୂମିକା ନିର୍ବାହ କରିବାରେ ସକ୍ଷମ । ଦେବ ସଂସ୍କୃତିର ସନ୍ତାନ ହୋଇଥିବା ଦୃଷ୍ଟିରୁ ଆମ ସମସ୍ତଙ୍କର ପାବନ କର୍ତ୍ତବ୍ୟ ହେଉଛି ଯେ ଏହାର ଆଦର୍ଶଗୁଡ଼ିକୁ ଜୀବନରେ ଧାରଣ କରିବାର ଯଥାସାଧ ପ୍ରୟାସ କରି, ଏହି ମହାନ୍ କାର୍ଯ୍ୟରେ ନିଜର ଭାବଭରା ଯୋଗଦାନ ଦେବା ।

## ଅଖଣ୍ଡ ଭାରତ ଦ୍ୱାରା...

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

୧୯୩୭ରେ ମିଆଁମାର ଓ ୧୯୩୯ରେ ଶ୍ରୀଲଙ୍କାକୁ ଅଲଗା ରାଜନୀତିକ ଦେଶର ମାନ୍ୟତା ଦିଆଗଲା । ମିଆଁମାର ଓ ଶ୍ରୀଲଙ୍କାକୁ ଅଲଗା ଅସ୍ତିତ୍ୱ ପ୍ରଦାନ କରିବା ମାତ୍ରେ ମତାନ୍ତରତାର ପୂରା ଜାଲ ଯାହା ପୂର୍ବରୁ ପ୍ରସ୍ତୁତ ଥିଲା, ତାହାକୁ ଏହି ଦେଶଗୁଡ଼ିକରେ ଅଧ ବିସ୍ତାର ଓ ସୁଦୃଢ଼ କରି ଦିଆଗଲା । ଇଂରେଜଙ୍କ ଦ୍ୱାରା ଦେଶଭକ୍ତ ଭାରତୀୟଙ୍କୁ କଳାପାଣିର ଦଣ୍ଡ ଦେବା ପାଇଁ ମିଆଁମାରର ଅନେକ ସ୍ଥାନ ବିଶେଷ କରି ରେଙ୍ଗୁନକୁ ଜେଲ ରୂପେ ଉପଯୋଗ କରାଗଲା ।

ଆଜି ଭଲା ଆମେ ରାଜନୀତିକ ରୂପେ ଖଣ୍ଡ ଖଣ୍ଡ ହୋଇଯାଇଥିଲେ ମଧ ସାଂସ୍କୃତିକ ରୂପେ ଏକ ଅଖଣ୍ଡ ରାଷ୍ଟ୍ର ଅଟୁ । ରାଜ୍ୟ ରାଜନୀତିକ ଏକକ, କିନ୍ତୁ ରାଷ୍ଟ୍ର ସାଂସ୍କୃତିକ ଏକକ ହୋଇଥାଏ । ଭାରତ ଭଲା ବିଭାଜିତ ହୋଇଥିଲେ ମଧ ସାଂସ୍କୃତିକ ରୂପେ ଆମେ ସର୍ବଦା ବିଜୟୀ ରହିଛୁ ଏବଂ ଆଜି ଯେତେବେଳେ ଆମେ ନିଜ ମନରେ ଅଖଣ୍ଡ ଭାରତର କଳ୍ପନା କରିଥାଉ ତ ପ୍ରଥମେ ଆମେ ସାଂସ୍କୃତିକ ରୂପେ ଏକ ହେବା ଓ ପରେ ରାଜନୀତିକ ରୂପେ । ଦିନ ପରେ ରାତି ହେବା ଯେପରି ସ୍ୱାଭାବିକ, ସେହିପରି ଭାରତ ପୁନଃ ଅଖଣ୍ଡ ହେବା ମଧ ତା'ର ନିୟତି । ବିଶ୍ୱରେ ଅନେକ ଉଦାହରଣ ରହିଛି, ଯାହାର ଆଧାରରେ ଆମେ ଭାରତକୁ ପୁନଃ ଅଖଣ୍ଡ କରାଇବା ବିଷୟରେ ଚିନ୍ତା କରି ପାରିବା, ଠିକ୍ ଯେପରି ବର୍ଲିନ ପ୍ରାଚୀରକୁ ଭାଙ୍ଗି ପୁନଃ ପୂର୍ବ ଓ ପଶ୍ଚିମ ଜର୍ମାନୀ ଏକ ହୋଇଥିଲା ବା ଇସ୍ରାଏଲ ରୂପେ ଇହୁଦୀମାନଙ୍କୁ ଦୀର୍ଘ ବର୍ଷ ପରେ ନିଜର ଦେଶ ମିଳିଥିଲା । ଏହିପରି ଅଖଣ୍ଡ ଭାରତ ଦ୍ୱାରା ହିଁ ବିଶ୍ୱଶାନ୍ତିର ସ୍ୱପ୍ନ ସାକାର ହେବ ।

## ଆଜିର ଚିନ୍ତନ

**ମ**ହାଭାରତ ଯୁଦ୍ଧ ଚାଲିଥାଏ - ଦିନେ ଦୁର୍ଯ୍ୟୋଧନ କଥାରେ ଆହତ ହୋଇ ପିତାମହ ଭୀଷ୍ମ ପ୍ରତିଜ୍ଞା କରିଦେଲେ ଯେ –"ମୁଁ ଗଙ୍ଗା ପୁତ୍ର ଭୀଷ୍ମ ପ୍ରତିଜ୍ଞା କରୁଛି ଯେ କାଲି ଯୁଦ୍ଧରେ ମୁଁ ପାଣ୍ଡବଙ୍କୁ ବଧ କରିଦେବି" ଏହି ପ୍ରତିଜ୍ଞା ଶୁଣି ପାଣ୍ଡବଙ୍କ ଶିବିରରେ ଭାଳେଣି ପଡିଗଲା -ପିତାମହ ଭୀଷ୍ମଙ୍କ ଶକ୍ତି ବିଷୟରେ ସମସ୍ତଙ୍କୁ ଜଣା, ସେଥିପାଇଁ ସମସ୍ତ ପାଣ୍ଡବ ଚିନ୍ତିତ ହୋଇଗଲେ । ସେତେବେଳେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ କହିଲେ, 'ଏବେ ମୋ ସହିତ ଆସ' । ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ନେଇ ସିଧା ପିତାମହ ଭୀଷ୍ମଙ୍କ ଶିବିରରେ ପହଞ୍ଚିଗଲେ - ଶିବିର ବାହାରେ ଛିଡ଼ା ହୋଇ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ କହିଲେ, 'ଭିତରକୁ ଯାଇ ପିତାମହ ଭୀଷ୍ମଙ୍କୁ ପ୍ରଣାମ କର'- ଦ୍ରୌପଦୀ ଭିତରକୁ ଯାଇ ପିତାମହ ଭୀଷ୍ମଙ୍କୁ ପ୍ରଣାମ କରିବା କ୍ଷଣି ଭୀଷ୍ମ ହାତ ଉପରକୁ ଟେକି 'ଅଖଣ୍ଡ ସୌଭାଗ୍ୟବତୀ ଭବ, କହି ଆଶୀର୍ବାଦ ଦେଲେ, ପୁଣି ସେ ଦ୍ରୌପଦୀଙ୍କୁ ପଚାରିଲେ !

'ବତ୍ସ, ତୁମ୍ଭେ ଏତେ ରାତ୍ରରେ ଏକୁଟିଆ ଏଠିକୁ କିପରି ଆସିଲ, କଣ ଶ୍ରୀକୃଷ୍ଣ ତୁମ୍ଭକୁ ଏଠାକୁ ନେଇ ଆସିଛନ୍ତି ?

ଦ୍ରୌପଦୀ କହିଲେ - 'ହଁ, ସେ କକ୍ଷ ବାହାରେ ଅଛନ୍ତି' ତାପରେ ଭୀଷ୍ମ ବି କକ୍ଷ ବାହାରକୁ ଆସିଗଲେ ଏବଂ ଉଭୟ ଉଭୟଙ୍କୁ ପ୍ରଣାମ କଲେ । ଭୀଷ୍ମ କହିଲେ –'ମୋର ଏକ ପ୍ରତିଜ୍ଞାକୁ ମୋର ହିଁ ଅନ୍ୟ ଏକ ପ୍ରତିଜ୍ଞା ଦ୍ୱାରା ଖଣ୍ଡନ କରିବାର କାର୍ଯ୍ୟ କେବଳ ଶ୍ରୀକୃଷ୍ଣ ହିଁ କରିପାରିବେ' । ଶିବିରରୁ ଫେରିବା ବାଟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ କହିଲେ –'ପିତାମହ ଭୀଷ୍ମଙ୍କୁ ତୁମ୍ଭର ଏକ ପ୍ରଣାମ ଦ୍ୱାରା ହିଁ ତୁମ୍ଭର ପତିଦେବ ମାନଙ୍କୁ ଜୀବନଦାନ ମିଳିଗଲା ।' ଯଦି ତୁମ୍ଭେ ଏହିପରି ପ୍ରତ୍ୟେକ ଦିନ ଭୀଷ୍ମ, ଧୃତରାଷ୍ଟ୍ର, ଦ୍ରୋଣାଚାର୍ଯ୍ୟ, ଆଦି ଗୁରୁଜନଙ୍କୁ ପ୍ରଣାମ କରିଥାନ୍ତ ତେବେ ହୁଏତ ଦୁର୍ଯ୍ୟୋଧନ, ଦୁଃଶାସନ, ଆଦି କୌରବଙ୍କ ପତ୍ନୀ ମାନେ ବି ପାଣ୍ଡବଙ୍କୁ ପ୍ରଣାମ କରିଥାନ୍ତେ, ତ ହୋଇପାରେ ଏହି ମହାଭାରତ ଯୁଦ୍ଧର ପରିସ୍ଥିତି ଆଜି ଉପୁଜି ନଥାନ୍ତା ।'

ବର୍ତ୍ତମାନ ସମୟରେ ଆଜି ଆମ୍ଭ ପରିବାରରେ ଯେଉଁ ସବୁ ଏତେ ସମସ୍ୟା ଉପୁଜୁ ଥାଏ ତାହାର ମୂଳ କାରଣ ଏହି ଯେ –'ଆମ୍ଭର ଅହଙ୍କାର, କାହା ପାଖରେ ମୁଣ୍ଡ ନୁଆଁଇ ନପାରିବାର ଅହଙ୍କାର । ଅବା –'ଜାଣତ ଅଜାଣତରେ ଅବା ଅହଙ୍କାରର ବଶୀଭୂତ ହୋଇ ପ୍ରାୟ ସମୟରେ ଘରର ଗୁରୁଜନ ମାନଙ୍କ ଉପେକ୍ଷା ହୋଇଯାଏ ।' 'ଯଦି ଘରର କନିଷ୍ଠ-କନିଷ୍ଠା ମାନେ ଗୁରୁଜନ ମାନଙ୍କୁ ପ୍ରତ୍ୟେକ ଦିନ ପ୍ରଣାମ କରି ସେମାନଙ୍କ ଆଶୀର୍ବାଦ ପ୍ରାପ୍ତ କରନ୍ତି, ତେବେ ହୁଏତ ସଭିଙ୍କ ଘରେ କେବେ ବି କୌଣସି ସମସ୍ୟା, ଅଶାନ୍ତି, ବାଦ-ବିବାଦ ରୁହନ୍ତା ନାହିଁ ।'

ବର୍ଷ ୨୭, ସଂଖ୍ୟା- ୪, ୨୨ - ୨୮ ଜାନୁଆରୀ ୨୦୨୩

# ମାନସିକତାରେ ପରିବର୍ତ୍ତନ ଲୋଡ଼ା

ବର୍ତ୍ତମାନ ମଣିଷ ନିଜକୁ ସଭ୍ୟ, ଶିକ୍ଷିତ ଓ ପରିମାର୍ଜିତ ରୂପେ ଉପସ୍ଥାପିତ କରି ସବୁ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ପାଇଁ ଅହରହ ଉଦ୍ୟମ କରୁଛି । ଯୋଗ୍ୟତା ଥାଉ ବା ନ ଥାଉ ନିଜର ଚାତୁରୀପୂର୍ଣ୍ଣ କଥାବାର୍ତ୍ତା, ଆଚାର ବ୍ୟବହାର ଏବଂ ବେଶ ପୋଷାକରେ ପରିବର୍ତ୍ତନ ଆଣି ଅନେକଙ୍କର ଆସ୍ଥାଭାଜନ ହେବା ପରେ ଭୌତିକ ସୁଖ ସୁବିଧାକୁ ହାତେଇବା ପାଇଁ କୁଣ୍ଠିତ ମାନସିକତାର ଯେପରି ଅପପ୍ରୟୋଗ କରୁଛି, ତାହା ଯେତିକି ନିନ୍ଦନୀୟ, ସେତିକି ସମାଜ ପାଇଁ କ୍ଷତିକାରକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଦୃଷ୍ଟିରୁ ଆଜି ସମାଜରେ ଜଣେ ନୀତିନିଷ୍ଠ, ସଦାଚାରୀ ମଣିଷକୁ ଖୋଜି ପାଇବା କାଠିକର ପାଠ । କ୍ଷମତା, ପ୍ରତିପତ୍ତି, ଧନସମ୍ପଦ ସହ ବିଳାସମୟ ଜୀବନର ଅକଳ୍ପନୀୟ ଚିନ୍ତାରେ ନିମଗ୍ନ ମଣିଷ ଜୀବନାଦର୍ଶକୁ ଭୁଲି ବିବେକକୁ ବଳି ଦେଇ ଯେଉଁ ଅମାନବୀୟ କାର୍ଯ୍ୟମାନ ସଂପାଦନ କରିଚାଲିଛି, ସେଥିରେ ସାମାଜିକ ସ୍ଥିତାବସ୍ଥା ପୂରାପୂରି ଦୋହଲିବାରେ ଲାଗିଛି । ଏହି ଦୃଷ୍ଟିରୁ ହିଂସା, ଦ୍ୱେଷ, ଭ୍ରଷ୍ଟାଚାର, ଅନୀତି ଦୁର୍ନୀତି ସହ ହତ୍ୟା, ଲୁଣ୍ଠନ, ଅପହରଣ, ଯୌନ ଉତ୍ପୀଡ଼ନ ଏବଂ ବଳାତ୍କାର ପରି ଜଘନ୍ୟ ଅପରାଧସବୁ ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହେଲାଣି ।

ଦିନ ଥିଲା, ସମାଜରେ ସବୁବର୍ଗର ଲୋକମାନେ ଏକାଠି ମିଳିମିଶି ଚଳୁଥିଲେ । ଭେଦଭାବ କିମ୍ବା ହୀନମନ୍ୟତା ସାମାଜିକ ଜୀବନରେ ପରିଦୃଷ୍ଟ ହେଉ ନ ଥିବାରୁ ସମାଜରେ ଶାନ୍ତି ସହାବସ୍ଥାନ ସମ୍ଭବ ହେବା ସହ ପ୍ରତିବେଶୀ ଓ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ଗଭୀର ଆସ୍ଥା ଏବଂ ଅତୁଟ ବିଶ୍ୱାସ ସ୍ଥାପନ ହୋଇପାରୁଥିଲା । ସେତେବେଳେ ଶିକ୍ଷାର ପ୍ରସାର ସମାଜର ସବୁସ୍ତରରେ ପହଞ୍ଚି ପାରି ନ ଥିଲେ ମଧ ଶାନ୍ତ, ସରଳ, ନିଷ୍କପଟ ମଣିଷ ଛନ୍ଦକପଟରୁ ଉର୍ଦ୍ଧ୍ୱରେ ରହି ଦୟା, କ୍ଷମା, ସ୍ନେହ, ମମତା, ଭକ୍ତି, ଶ୍ରଦ୍ଧା, ଶିଷ୍ଟାଚାର ଆଉ ଶାଳୀନତାକୁ ଜୀବନର ଉପଜୀବ୍ୟ ରୂପେ ବିବେଚନା କରି ସାମାଜିକ ଜୀବନରେ ଯେଉଁ କାର୍ଯ୍ୟମାନ ସମ୍ପାଦନ କରୁଥିଲା, ସେଥିରେ ଜନସମୂହଙ୍କ କଲ୍ୟାଣ ହେବା ସହ ସମାଜରେ ଭାଇଚାରାର ଏକ ସୁସ୍ଥ ବାତାବରଣ ସୃଷ୍ଟି ହେଉଥିଲା । ଦୈବୀଦୁର୍ବିପାକ ହେଉ କିମ୍ବା ବିପଦ ଆପଦରେ ଜାତି, ଧର୍ମ ସମ୍ପ୍ରଦାୟର ଭେଦଭାବ ଭୁଲି ସଭିଏଁ ପରସ୍ପରକୁ ଯେପରି ସାହାଯ୍ୟ ସହଯୋଗ କରୁଥିଲେ ତାହା ଥିଲା ଅପୂର୍ବ ଶୃଙ୍ଖଳିତ ସମାଜରେ ନାରୀମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନବୋଧ ରହୁଥିବାରୁ ନାରୀ ସବୁରି ଦୃଷ୍ଟିରେ ଆଦରଣୀୟା ଓ ଚିରନମସ୍ୟା ହୋଇ ପାରୁଥିଲେ । କିନ୍ତୁ ଆଜି ମଣିଷର ଚରିତ୍ର ଏବଂ ମାନସିକତାରେ ପରିବର୍ତ୍ତନ ଆସିଯାଇଥିବାରୁ ଉତ୍ତମ ମଣିଷକୁ ଚିହ୍ନିବା ଦୁରୂହ ବ୍ୟାପାର ହେଲାଣି । ଭଦ୍ରମୁଖାପିନ୍ଧା ଅନେକ ସଇତାନ ସମାଜରେ ସର୍ବତ୍ର ପରିବ୍ୟାପ୍ତ ହୋଇ ଜନଗଣଙ୍କୁ ତତେଇ ମତେଇ ସମାଜରେ ଶାନ୍ତିଭଙ୍ଗ ପାଇଁ ଯେପରି ଉଦ୍ୟମ କରୁଛନ୍ତି ; ସେଥିରେ ଧର୍ମ, ସମ୍ପ୍ରଦାୟକୁ ନେଇ ହେଉ କିମ୍ବା ଜାତିଗତ ବିଷମତାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତିମାନ ସୃଷ୍ଟି ହେଉଛି । ତାହା ଦେଶର ଏକତା ଏବଂ ଭାଇଚାରାକୁ ଅନେକାଂଶରେ କ୍ଷୁର୍ଣ୍ଣ କରିବାରେ ଲାଗିଛି । ମଦ ଏବଂ ମାଦକ ଦ୍ରବ୍ୟର ପ୍ରାବଲ୍ୟ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଯୁବପିଢ଼ିର ହିତାହିତ ଜ୍ଞାନକୁ ନିଷ୍କ୍ରିୟ କରିଦେଉଥିବାରୁ ଅନେକ ପାରିବାରିକ ଜୀବନ କଳହ ସର୍ବସ୍ୱ ହୋଇ ସମାଜରେ କେତେଯେ ସୁନାର ସଂସାର ଉଜୁଡ଼ି ଯାଉଛି ତାହା କଳନା କରିବା ଅସମ୍ଭବ । ରାତାରାତି ବଡ଼ଲୋକ ହେବାର ସ୍ୱପ୍ନ ଦେଖୁଥିବା ଯୁବସମାଜ ନୈତିକ ମୂଲ୍ୟବୋଧରୁ ଓହରି ହାତରେ ଭୟର ବାତାବରଣ ସୃଷ୍ଟି କରି ଚାଲିଛି । କେବଳ ଏତିକି ନୁହେଁ, ସାମାନ୍ୟ କଥାକୁ ନେଇ କିଏ କେତେବେଳେ କାହାକୁ ହାଣି ହତ୍ୟା କରୁଛି ତ ଆଉ କିଏ ପ୍ରେମ ନାଁରେ ପ୍ରତାରଣା କରି ନିଜ ସଙ୍ଗିନୀକୁ ଖଣ୍ଡ ଖଣ୍ଡ କରି ହାଣି ବଣ ଜଙ୍ଗଲରେ ଫିଙ୍ଗି ଦେଉଛି । ନାରୀମାନଙ୍କ ବିରୋଧରେ ଘଟୁଥିବା ଆପରାଧୂକ ମାମଲାଗୁଡ଼ିକର ବିଶ୍ଳେଷଣ କଲେ ସମାଜରେ ଏହା ଦିନକୁଦିନ ବୃଦ୍ଧି ପାଉଥିବାର ପରିଲକ୍ଷିତ ହୁଏ । ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ, ୨୦୨୦ରେ ମହିଳା ବିରୋଧୀ ଅପରାଧ ୩,୭୧,୫୦୩ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୨୧ରେ ତାହା ୧୫.୩% ବୃଦ୍ଧି ପାଇ ୪,୨୮,୨୭୮ରେ ପହଞ୍ଚିଛି । ଏତଦ୍‌ବ୍ୟତୀତ ସମାଜରେ ନାରୀ ବିରୋଧୀ ଆହୁରି ଅନେକ ଅପରାଧ ସଂଘଟିତ ହେଉଥିଲେ ମଧ ଲୋକଲଜ୍ଜା ଜନିତ କାରଣରୁ ହେଉ କିମ୍ବା ମାନମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ଭୟରେ ସେଗୁଡ଼ିକ ଲୋକଲୋଚନକୁ ଆସିପାରୁନାହିଁ । ନାରୀମାନଙ୍କ ପ୍ରତି ହେଉଥିବା ଅପରାଧକୁ ନିୟନ୍ତ୍ରଣ ପାଇଁ ଦେଶରେ ପ୍ରଭୂତ ଆଇନଗତ ବ୍ୟବସ୍ଥା ଥିଲେ ମଧ ତାହା ନାରୀ ବିରୋଧୀ ଅପରାଧକୁ ପ୍ରତିହତ କରିବା ପାଇଁ ସକ୍ଷମ ହେଉନଥିବା ପରି ମନେହୁଏ । କାରଣ ନ୍ୟାୟିକ ଲଢ଼େଇରେ ଅନେକ ବଳାତ୍କାରୀ ଆଇନର ଗଳାବାଟ ଦେଇ ଖସିଯାଉଥିବାରୁ ସେମାନଙ୍କ ହୃଦୟରେ ଆଇନକାନୁନ ପ୍ରତି ସେତେଟା ଡର, ଭୟ ରହୁ ନ ଥିବାରୁ ସମାଜରେ ନାରୀ ବିରୋଧୀ ଅପରାଧ ବଢୁଛି । ସମାଜରେ ବର୍ତ୍ତମାନ ଯୁବତୀ ଯୁବକମାନଙ୍କ ମଧ୍ୟରେ ଅବାଧ ମିଳାମିଶା ଯୋଗୁ କୁମାରୀ ମାତୃତ୍ୱ ହାର ବଢ଼ିବାରେ ଲାଗିଛି । ଏହାକୁ ନେଇ କେତେବେଳେ ଅନରକିଲିଂ ପରି ଘଟଣା ସଂଘଟିତ ହେଉଛି ତ ଆଉ କେତେବେଳେ ତ୍ରିକୋଣୀୟ ପ୍ରେମକୁ ନେଇ ହତ୍ୟା ପରି ଜଘନ୍ୟ ଅପରାଧ ଘଟୁଥିବାର ଅନେକ ଦୃଷ୍ଟାନ୍ତ ରହିଛି । ସମାଜକୁ ଅପରାଧମୁକ୍ତ କରିବା ପ୍ରଭୂତ ଆଇନଗତ ବ୍ୟବସ୍ଥା ପ୍ରଶାସନକୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି । ନ୍ୟାୟାଳୟରେ ଅପରାଧୀମାନଙ୍କ ତ୍ୱରିତ ବିଚାର କରାଯାଇ ଅପରାଧର ଗୁରୁତ୍ୱ ଦୃଷ୍ଟିରୁ କଠିନରୁ କଠିନ ଦଣ୍ଡ ପ୍ରଦାନ କରାଯିବାର ପ୍ରାବଧାନ ରହିଥିଲେ ମଧ ସମାଜରୁ ଅପରାଧ ପ୍ରବଣତା ଦୂର ହେବା ପରିବର୍ତ୍ତେ ଯେପରି ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି ତାହା ନିଶ୍ଚୟ ଉଦ୍‌ବେଗଜନକ, ଏଥିରେ ସନ୍ଦେହ ନାହିଁ । ଅପରାଧୀମାନଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଯେତେ ଯାହା କଲେ ମଧ ସମାଜକୁ ଅପରାଧମୁକ୍ତ କରାଯାଇପାରିବ ନାହିଁ । ଆଧ୍ୟାତ୍ମିକ ଚିନ୍ତାରେ ଜନଗଣଙ୍କୁ ଉଦ୍‌ବୁଦ୍ଧ କରାଇ ସମାଜର ସବୁସ୍ତରରେ ଲୋକଙ୍କ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଲାଗି ବଳିଷ୍ଠ ପଦକ୍ଷେପ ନେବା ଜରୁରୀ । ମାଦକଦ୍ରବ୍ୟ ସବୁ ଅନର୍ଥର ମୂଳକାରଣ ହୋଇଥିବାରୁ ସମାଜରେ ମଦ ସହିତ ମାଦକ ଦ୍ରବ୍ୟର ପ୍ରାବଲ୍ୟକୁ ନିୟନ୍ତ୍ରଣ କରାଯାଇ ପାରିଲେ ସମାଜରୁ ଅନେକାଂଶରେ ଅପରାଧକୁ ପ୍ରତିହତ କରିହେବ, ଏଥିରେ ସନ୍ଦେହ ନାହିଁ ।

# ସାଧୁତା

ମହାତ୍ମା ଗାନ୍ଧୀ



ପୂର୍ଣ୍ଣ ସାଧୁତା ସହିତ କୌଣସି ବ୍ୟବସାୟ ଚଳାଇବା କଷ୍ଟକର ହେଲେ ମଧ ତଥାପି ଅସମ୍ଭବ ନୁହେଁ । ପ୍ରକୃତ କଥା ହେଉଛି ଯେ, ଗୋଟିଏ ବ୍ୟବସାୟ ଯେତିକି ଅଧିକ ସାଧୁ ହୋଇ ପାରୁଥିବ, ତାହା ସେତିକି ପରିମାଣରେ ଅଧିକ ସଫଳ ମଧ ହେଉଥିବ । ତେଣୁ, ବ୍ୟବସାୟରେ ରହିଥିବା ବ୍ୟକ୍ତିମାନେ ''ସାଧୁତା ହିଁ ସର୍ବଶ୍ରେଷ୍ଠ ନୀତି'' ବୋଲି ପ୍ରବଚନଟିଏ ତିଆରି କରିଛନ୍ତି । ସତ୍ୟ କଥାଟି ହେଉଛି ଯେ, ଏକ ବୃହତ୍ ପରିମାଣ ସମ୍ପତ୍ତି ଠୁଳ କରିବା ସହିତ ସାଧୁତାର ଆଦୌ କୌଣସି ସଙ୍ଗତି ନାହିଁ । ''ଏହି କଥାଟି ଏକାନ୍ତ ସତ୍ୟ ଯେ, ଜଣେ ଧନୀ ବ୍ୟକ୍ତି ଭଗବାନଙ୍କର ସାମ୍ରାଜ୍ୟ ମଧକୁ ପ୍ରବେଶ କରିପାରିବା ଅପେକ୍ଷା ଗୋଟାଏ ଓଟ ଏକ ଛୁଞ୍ଚର ଫୋଡ଼ ଭିତର ଦେଇ ବାହାରି ଯାଇ ପାରିବା ଅଧିକ ସହଜ ।'' ସାଧୁତା ଜଣେ ବ୍ୟବସାୟୀର ସମ୍ପତ୍ତି ଉପରେ ଆଦୌ କୌଣସି ଅସମ୍ଭବ ଦାବିମାନ କରି ନ ଥାଏ ।

ଗୋଟିଏ ଆଦର୍ଶର ସୀମାହୀନତା ହେଉଛି ତାହାର ଅସଲ ଗୁଣ । ମାତ୍ର, ନାନା ଅପୂର୍ଣ୍ଣତା ରହିଥିବା ମନୁଷ୍ୟମାନଙ୍କ ପକ୍ଷରେ ଧର୍ମର ଆଦର୍ଶଗୁଡ଼ିକୁ ହାସଲ କରିବା ଏହିପରି ଭାବରେ ସ୍ୱଭାବତଃ ଅସମ୍ଭବ ହୋଇ ରହିଥିଲେ ହେଁ, ଆପଣାର ଅସୀମତା ହେତୁ ସେମାନେ ଆମଠାରୁ ହୁଏତ ଅଧିକ ଅଧିକ ଦୂରକୁ ଚାଲି ଯାଉଥିବା ପରି ମନେ ହେଉଥିଲେ ହେଁ, ଆମେ ସେଗୁଡ଼ିକର ଯେତିକି ଅଧିକ ନିକଟବର୍ତ୍ତୀ ହେଉଥିବା, ସେଗୁଡ଼ିକ ତଥାପି ଆମର ହାତ ଓ ଗୋଡ଼ଗୁଡ଼ିକ ଠାରୁ ମଧ ଆମର ଅଧିକ ପାଖରେ ରହିଥିବା ପରି ମନେ ହେଉଥିବେ କାରଣ, ଆମ ନିଜର ଏହି ଭୌତିକ ସତ୍ତାଟି ଅପେକ୍ଷା ମଧ ଆମେ ସେମାନଙ୍କର ବାସ୍ତବତା ତଥା ସତ୍ୟ ବିଷୟରେ ଅଧିକ ନିଶ୍ଚିତ ହୋଇ ଯାଉଥିବା । ଜଣେ ବ୍ୟକ୍ତିର ତା'ର ଆଦର୍ଶଗୁଡ଼ିକ ଉପରେ ରହିଥିବା ଏହି ବିଶ୍ୱାସତାହା ହିଁ ତା'ର ଯଥାର୍ଥ ଜୀବନ; ବସ୍ତୁତଃ ତାହା ହେଉଛି ଜଣେ ମନୁଷ୍ୟର ସବୁକିଛି ।

ଆମେ ପଡ଼ି ଯାଉଥିବା, ଝୁଣ୍ଟୁଥିବା, ମାତ୍ର ତଥାପି ଉଠି ଠିଆ ମଧ ହେଉଥିବା । ଯୁଦ୍ଧ କ୍ଷେତ୍ରରୁ ଆମେ କଦାପି ଦଉଡ଼ି ପଳାଇଯିବା ନାହିଁ ସେତିକି ହିଁ ଯଥେଷ୍ଟ ହେବ ।

ମୁଁ ଆତ୍ମାର ଅମରତ୍ୱରେ ବିଶ୍ୱାସ କରେ । ଏଠାରେ ମୁଁ ତୁମକୁ ମହାସମୁଦ୍ରର ଉପମାଟି ଦେବାଲାଗି ଇଚ୍ଛା କରୁଛି । ମହାସମୁଦ୍ର ଗୋଟିଏ ଗୋଟିଏ ଜଳବିନ୍ଦୁର ସମଷ୍ଟିରେ ତିଆରି ହୋଇଛି । ପ୍ରତ୍ୟେକ ବିନ୍ଦୁର ଏକ ଅସ୍ତିତ୍ୱ ରହିଛି ଏବଂ ତଥାପି ତାହା ସମଗ୍ରଟିର ଏକ ଅଂଶ ହୋଇ ରହିଛି, 'ଏକ ତଥା ଅନେକ'' ହୋଇ ରହିଛି । ଜୀବନର ମହାସମୁଦ୍ର ମଧରେ ଆମେ ସମସ୍ତେ ହେଉଛୁ ଗୋଟିଏ ଗୋଟିଏ କ୍ଷୁଦ୍ର ବିନ୍ଦୁ । ମୋ' ନୀତିଟିର ଅର୍ଥ ହେଉଛି ଯେ, ମୋତେ ଜୀବନ ସହିତ, ଯାହାକିଛି ଜୀବନରେ ରହିଛି, ଏହି ସବୁକିଛି ସହିତ ଏକାତ୍ମ ଅର୍ଜନ କରିବାକୁ ପଡ଼ିବ । ପରମେଶ୍ୱରଙ୍କର ସାନ୍ନିଧ ମଧରେ ମୋତେ ଜୀବନର ଐଶ୍ୱର୍ଯ୍ୟରେ ଭାଗ ନେବାକୁ ପଡ଼ିବ । ଏହି ଯାବତୀୟ ଜୀବନର ସମଷ୍ଟି ତାହା ହିଁ ଈଶ୍ୱର ।

ଜଣେ ବ୍ୟକ୍ତି ଯେତେ ନିମ୍ନରେ ଥାଉ ପଛକେ, ତାହାପାଇଁ ନ୍ୟାୟ ତାହା ହିଁ ସବୁକିଛି । ଆଉ ସବୁକିଛି ତା' ପରେ ଯାଇ ଆସିବ ।

ମୁଁ ଭାବିଥିଲି ଯେ ଜୀବନବୀମା ମଧରେ ଭୟ ଏବଂ ଈଶ୍ୱରଙ୍କ ପ୍ରତି ବିଶ୍ୱାସର ଅଭାବ ନିହିତ ହୋଇ ରହିଛି । ମୋ' ଜୀବନକୁ ବୀମା କରିବାଦ୍ୱାରା ମୁଁ ମୋ'ର ପତ୍ନୀ ଏବଂ ପିଲାମାନଙ୍କ ଠାରୁ ସେମାନଙ୍କର ଆତ୍ମନିର୍ଭରଶୀଳତାକୁ ଅପହରଣ କରି ନେଇଥିଲି । ପୃଥିବୀର ଅଗଣିତ ଦରିଦ୍ର ପରିବାରମାନଙ୍କର ଅବସ୍ଥା କ'ଣ ହେଲା ? ସେମାନେ କାହିଁକି ନିଜର ଯତ୍ନ ନିଜେ ନେବେ ବୋଲି ପ୍ରତ୍ୟାଶା କରାଯିବ ନାହିଁ ? ମୁଁ ନିଜକୁ ମଧ ସେମାନଙ୍କ ଭିତରେ ଜଣେ ବୋଲି ସୁମାରି କରି ପାରିବିନାହିଁ ? ଅନ୍ୟମାନଙ୍କ ତୁଳନାରେ ମୃତ୍ୟୁ ଅଧିକ ଶୀଘ୍ର ଆସି ମୋତେ ନେଇଯିବ, ଏପରି ଭାବିବାପାଇଁ ମୋ' ପାଖରେ କି କାରଣ ରହିଛି ? ଯିଏ ଯାହା କହୁ ପଛକେ, ମୁଁ ନୁହେଁ କି ମୋ'ର ଭାଇ ନୁହେଁ, ସର୍ବଶକ୍ତିମାନ୍ ଈଶ୍ୱର ହେଉଛନ୍ତି ମୋ' ପରିବାରର ପ୍ରକୃତ ରକ୍ଷକ ।

ସେବା ହିଁ ସାମ୍ବାଦିକତାର ଏକମାତ୍ର ଉଦ୍ଦେଶ୍ୟ ହୋଇ ରହିବା ଉଚିତ । ସମ୍ବାଦପତ୍ର ସଂସ୍ଥା ହେଉଛି ଏକ ବୃହତ୍ ଶକ୍ତି ; ମାତ୍ର, କୌଣସି ବାଡ଼ ବା ବନ୍ଧ ନଥିଲେ ଯେପରି ଜଳରାଶି ସମଗ୍ର ଭୂଭାଗକୁ ଜଳମଗ୍ନ କରିଦିଏ ଏବଂ ଶସ୍ୟ ନଷ୍ଟ କରେ, ସେହିପରି ନିୟନ୍ତ୍ରଣାଧୀନ ହୋଇ ରହି ନଥିବା କଲମ ମଧ ତା'ର କାର୍ଯ୍ୟଦ୍ୱାରା କେବଳ ସବୁକିଛିକୁ ନଷ୍ଟ ହିଁ କରି ଦେଇଥାଏ । ଯଦି କେବଳ ବାହାରୁ ନିୟନ୍ତ୍ରଣ ରହିଥାଏ, ତେବେ ଆଦୌ କୌଣସି ନିୟନ୍ତ୍ରଣ ରହି ନ ଥିବା ଅପେକ୍ଷା ତାହା ଅଧିକ ବିଷାକ୍ତ ବୋଲି ପ୍ରମାଣିତ ହୁଏ । ନିୟନ୍ତ୍ରଣ କେବଳ ଭିତରୁ ସମ୍ଭବ ହେଲେ ଯାଇ ତାହା ଉପକାରୀ ହୋଇଥାଏ । ଯଦି ମୋ'ର ଏହି ଯୁକ୍ତିର ଧାରାଟି ଠିକ୍ ହୋଇଥାଏ, ତେବେ ପୃଥିବୀର କେତେଜଣ ସାମ୍ବାଦିକ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିବେ ? ମାତ୍ର, ଏଥରେ ବିଚାରପତି ମଧ କିଏ ହେବ ? ସାଧାରଣତଃ ଭଲ ଆଉ ମନ୍ଦ କ୍ଷେତ୍ରରେ ଯେପରି ହୋଇଥାଏ, ଦରକାରୀ ଓ ଅଦରକାରୀ ମଧ ସେହିପରି ଏକାଠି ହୋଇ ରହିଥିବେ ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ତାହା ଭିତରୁ ବାଛି ନେବାକୁ ପଡୁଥିବ ।" ସାଧାରଣ ଜନମାନସକୁ ଶିକ୍ଷିତ କରାଇବା ହେଉଛି ସାମ୍ବାଦିକତାର ପ୍ରକୃତ କାର୍ଯ୍ୟ ; ତାହାକୁ ବାଞ୍ଛିତ ଓ ଅବାଞ୍ଛିତ ନାନା ପ୍ରଭାବଦ୍ୱାରା ଭର୍ତ୍ତି କରି ରଖୁବା ଆଦୌ କାର୍ଯ୍ୟ ନୁହେଁ । ତେଣୁ କେତେବେଳେ କେଉଁ ସମ୍ବାଦଟିକୁ ଆଣି ଦେବାକୁ ହେବ, ସେହି ବିଷୟରେ ଜଣେ ସାମ୍ବାଦିକକୁ ନିଜର ବିବେକ ଖର୍ଚ୍ଚ କରିବାକୁ ପଡ଼ିବ । ବର୍ତ୍ତମାନ ଯେଉଁଭଳି ହେଉଛି, ସାମ୍ବାଦିକମାନେ କେବଳ ପ୍ରକୃତରେ ଘଟିଥିବା ଘଟଣା ମଧରେ ଆପଣାକୁ ସୀମିତ ରଖି ଆଦୌ ସନ୍ତୁଷ୍ଟ ହୋଇପାରୁ ନାହାନ୍ତି, ତେଣୁ ସାମ୍ବାଦିକତା କ୍ରମେ ' ବୁଦ୍ଧିମତ୍ତା ସହିତ ଘଟଣାଗୁଡ଼ିକ ବିଷୟରେ ଅନୁମାନ' କରିବାର କଳାରେ ପରିଣତ ହୋଇଗଲାଣି ।

# ଦାନ୍ତବିନ୍ଧାର ଘରୋଇ ଉପଚାର

ଥଣ୍ଡାଜନିତ ସମସ୍ୟା ହେଉ ଅବା ଦାନ୍ତ ମୂଳରେ ଇନଫେକଶନ ହେଲେ ତାହା ବିନ୍ଧିଥାଏ । ଏଥିରୁ ଆରାମ ପାଇବା ଲାଗି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ଦରକାର । ହେଲେ ଦାନ୍ତବିନ୍ଧାର ଉପଚାର ପାଇଁ କେତୋଟି ଘରୋଇ ଉପଚାର ଆପଣେଇ ପାରନ୍ତି । ଗୋଲମରିଚ ଗୁଣ୍ଡ ଏବଂ ସେଥିରେ ଅଳ୍ପ ଲୁଣ ମିଶାନ୍ତୁ । ତାହାକୁ ପାଣିରେ ଗୋଳାଇ ପେଷ୍ଟ ପ୍ରସ୍ତୁତ କରି ବିନ୍ଧୁଥିବା ଦାନ୍ତମୂଳରେ ଲଗାନ୍ତୁ । ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ । ଅନ୍ୟପକ୍ଷରେ ଏଥିଲାଗି ରସୁଣକୁ ଭଲଭାବେ ବାଟି ପ୍ରସ୍ତୁତ ପେଷ୍ଟ ସେଠାରେ ଲଗାଇ ପାରନ୍ତି । ଲବଙ୍ଗକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ସେଥିରେ ଅଳ୍ପ ଅଲିଭ୍ ତେଲ ମିଶାନ୍ତୁ । ଏହି ପେଷ୍ଟକୁ ବିନ୍ଧୁଥିବା ଦାନ୍ତମୂଳରେ ଲଗାଇଲେ ଆରାମ ମିଳିଥାଏ । ବିନ୍ଧୁଥିବା ଦାନ୍ତମୂଳରେ ଛୋଟ କଟା ପିଆଜ ରଖି ପାରନ୍ତି । ଦାନ୍ତମୂଳ ବିନ୍ଧାରୁ ଉପଶମ ପାଇବା ଲାଗି ଉଷୁମ ପାଣିରେ ଅଳ୍ପ ଲୁଣ ମିଶାଇ କୁଳୁକୁଳୁ କରନ୍ତୁ ।

# ରକ୍ତଚାପକୁ ସନ୍ତୁଳିତ ରଖେ ଗ୍ରୀନ୍ ମଟର

ଗ୍ରୀନ ମଟରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ରକ୍ତଚାପକୁ ସନ୍ତୁଳିତ ରଖିଥାଏ ବୋଲି ମତ ଦେଇଛନ୍ତି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ । ଏଥିରେ ଭିଟାମିନ୍ 'କେ' ଭରି ରହିଛି ।



କେବଳ ରକ୍ତଚାପ ନୁହେଁ ଏହାକୁ ଖାଇବା ଦ୍ୱାରା କୋଲେଷ୍ଟରଲ ପରିମାଣ ମଧ ନିୟନ୍ତ୍ରଣରେ ରହିଥାଏ । ଏହାସହ ଅସ୍ଥି ମଧ ମଜଭୁତ ହୋଇଥାଏ । ଗ୍ରୀନ ମଟରରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି । ତେଣୁ ଜଣେ ହୃଦ୍‌ରୋଗୀ ଏହାକୁ ନିଜ ଖାଦ୍ୟ ତାଲିକାରେ ସାମିଲ କରି ପାରିବେ । ଗ୍ରୀନ୍ ମଟରରେ ମଧ ପ୍ରଚୁର ପରିମାଣରେ ଫାଇବର ରହିଛି । ଆଲଜିମର୍ସ ରୋଗୀ ଏହାକୁ ମଧ ଖାଇ ପାରିବେ ଏବଂ ଏହାଦ୍ୱାରା ସେମାନଙ୍କର ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ । ସବୁଠାରୁ ଖାସ୍ କଥା ହେଲା କ୍ୟାନସର ଯନ୍ତ୍ରଣାକୁ କେତେକାଂଶରେ କମାଇବାରେ ଏହା ସାହାଯ୍ୟ କରିଥାଏ ।

# ସ୍ୱର୍ବେଦ

ସୁଷୋପ୍ତି ମନା ବ୍ରହ୍ମାଣ୍ଡ ମେଁ, ମନମଥ ଥକିତ ଅକାମ ।
ମନା ଅଚ୍ଛାଦିତ ଘୋରତମ, କରଣ ରହିତ ଜିଓ୍ୱ ନାମ ॥୩୭॥

ଭାଷ୍ୟ - ସୁଷୁପ୍ତି ଅବସ୍ଥାରେ ମନ ନିଜ ବିଷୟଗୁଡ଼ିକୁ ଛାଡ଼ି ବ୍ରହ୍ମାଣ୍ଡରେ ସ୍ଥିତ ରହିଥାଏ । ଆତ୍ମା ମନର ଘୋର ତମଗୁଣରେ ଅଚ୍ଛାଦିତ ହୋଇ ରହୁଥିବାରୁ ଅନ୍ତଃକରଣ ଶୂନ୍ୟହୋଇ ପ୍ରକୃତି ଆଧାରରେ ନିଜ ସ୍ୱରୂପରେ ସ୍ଥିତ ରହିଥାଏ । ମନ ଆଚ୍ଛାଦିତ ହେବା କାରଣରୁ ବାହ୍ୟ ଜ୍ଞାନର ଆତଯାତ ବନ୍ଦ ହୋଇଯାଏ ଆଉ ଆତ୍ମା କରଣରହିତ ହୋଇ ନିଜ ସ୍ୱରୂପରେ ସ୍ଥିତ ରହିଥାଏ । ଏହାକୁ ସୁଷୁପ୍ତି ଅବସ୍ଥା କୁହାଯାଏ ।

ବୁଦ୍ଧି ଓ୍ୱାସ ବ୍ରହ୍ମାଣ୍ଡ ମେଁ, ମୂର୍ଦ୍ଧନ ମୂଲ ଠିକାନ ।
ତହଁ ସେ ବୋଧ ଓ୍ୱିଚାର ହୈ, ଜ୍ଞାନ ସଚେତ ମିଲାନ ॥୩୮॥

ଭାଷ୍ୟ - ବ୍ରହ୍ମାଣ୍ଡର ମୂଳ ମୂର୍ଦ୍ଧା ସ୍ଥାନ ଅଟେ । ତାହା ବୁଦ୍ଧିର ନିବାସ । ସେହି ସ୍ଥାନରୁ ଜ୍ଞାନବୋଧ ଚେତନା ପ୍ରାପ୍ତ ହୋଇଥାଏ ।

ଚିତ୍ତ ଔର ହଂକାର ହୈ, ଓ୍ୱାସ ହୃଦୟ ମହଁ ସୋୟ ।
ଅହଂ ବୃତ୍ତି ଉତ୍ଥାନ ମେଁ, ସୋୟ ରୂପ ଗତି ହୋୟ ॥୩୯॥

ଭାଷ୍ୟ - ଚିତ୍ତ ଆଉ ଅହଙ୍କାରର ବାସସ୍ଥାନ ହୃଦୟ । ସେଠାରୁ କାମ କରିବାର ଅହଂବୃତ୍ତି ପ୍ରକଟ ହୋଇଥାଏ ଯାହାକୁ ନେଇ ଆତ୍ମା ବାହ୍ୟ କାର୍ଯ୍ୟରେ ପ୍ରବୃତ୍ତ ହୁଏ । ଅହଙ୍କାର ଦ୍ୱାରା ହିଁ ମନ ନିଶ୍ଚିତ ହୋଇ କାର୍ଯ୍ୟଗୁଡ଼ିକୁ ଇନ୍ଦ୍ରିୟମାନଙ୍କ ଦ୍ୱାରା ସମ୍ପାଦିତ କରିଥାଏ ।

ମନ ଚେତନ ଜଡ଼ ନହିଁ ବନେ, ମନ ମଧ୍ୟମ ପରିମାନ ।
ତାନ କରଣ ମନ ସେ ଜଗେ, ମନ ଅଣୁ ଏକ ସ୍ଥାନ ॥୪୦॥

ଭାଷ୍ୟ - ମନ ଚେତନ ଅଟେ, ଜଡ଼ ନୁହେଁ । ମନ ମଧ୍ୟମ ପରିମାଣ ଅଟେ, ନା ଜଡ଼ ଅଟେ ନା ଚେତନ । ଏହାକୁ ଆଗନ୍ତୁକ ଚେତନ କହନ୍ତି । ଚିତ୍ତ, ଅହଙ୍କାର ଓ ବୁଦ୍ଧି ମନର ସଂଯୋଗରୁ ହିଁ ଜାଗ୍ରତ ହୋଇଥାଏ । ମନ ଏକ ଅଣୁବସ୍ତୁ ଯାହା ଗୋଟିଏ




ସ୍ଥାନରେ ସ୍ଥିତ ହୋଇ ବିଷୟ ତରଙ୍ଗମାନଙ୍କୁ ଇନ୍ଦ୍ରିୟମାନଙ୍କ ଦ୍ୱାରା ପ୍ରାପ୍ତ କରିଥାଏ ।

ମନ ସଂଚାଲକ ଦେହ କା, ମନ କର ସକଲ ପସାର ।
ଆତମ ଚେତନ ଯୋଗ ସେ, ମନ କର କର୍ମ ଅପାର ॥୪୧॥

ଭାଷ୍ୟ - ଆତ୍ମାର ଚେତନା ପାଇ ମନ ଦେହକୁ ସଂଚାଳିତ କରିଥାଏ । ମନକୁ ନେଇ ହିଁ ଆତ୍ମା ସଂସାର ବ୍ୟବହାର କରିଥାଏ ଏବଂ ମନର କର୍ମ ଅପାର ଅଟେ ଯାହାର କୌଣସି ସୀମା ନାହିଁ ।

ଦେହ ଚେତନ ମନହିଁ ସେ, ଚେତନ ଯୋଗ ଅଧାର ।
ମନ ସୁଷୋପ୍ତି ମେଁ ନହିଁ ରହେ, ଜଡ଼ ସମ ଦେହ ଅସାର ॥୪୨॥

ଭାଷ୍ୟ - ଆତ୍ମିକ ଚେତନା ଆଧାରରେ ହିଁ ମନ ଦ୍ୱାରା ଶରୀର ଦ୍ୱାରା ସମସ୍ତ କ୍ରିୟା ସମ୍ପାଦିତ ହୋଇଥାଏ । ମନ ସୁଷୁପ୍ତିରେ ରହୁ ନ ଥିବାରୁ ଏହି ଶରୀର ଜଡ଼ ସମାନ କ୍ରିୟାହୀନ ହୋଇଯାଏ ।

ଲୟ ସୁଷୋପ୍ତି ଚେତନ ନହିଁ, ଜଡ଼ ନହିଁ ଚେତ ଶରୀର ।
ମନ ମଧ୍ୟମ ପରିମାଣ ହୈ, କାରଣ ଅକ୍ଷର ଧୀର ॥୪୩॥

ଭାଷ୍ୟ - ସୁଷୁପ୍ତିରେ ମନ ଲୟ ହୋଇଯାଏ । ସେଥିପାଇଁ ଏହା ଚେତନ ନୁହେଁ ଓ ଶରୀରରେ ଚେତନ ଏଥିରୁ ହୋଇଥାଏ । ସୁତରାଂ ଏହି ମନ ଜଡ଼ ମଧ୍ୟ ନୁହେଁ । ମନ ମଧ୍ୟମ ପରିଣାମଯୁକ୍ତ ଅଟେ ଓ ଏହାର କାରଣ ଅକ୍ଷର ଅଟେ । ଏହାକୁ ଧୀର ଅର୍ଥାତ୍ ମେଧାବୀ ଯୋଗୀ ଜାଣନ୍ତି ।

ମନା ଉଦୟ ସଂସାର ହୈ, ନହିଁ ମନ ନହିଁ ସଂସାର ।
ଯୋଗୀ ମନ କୋ ଓ୍ୱଶ କରୋ, ଅନୁଭଓ୍ୱ ଶବ୍ଦ ଅଧାର ॥୪୪॥

ଭାଷ୍ୟ - ମନର ଉଦୟରେ ସଂସାର । ଯେଉଁଠାରେ ମନ ନାହିଁ ସେଠାରେ ସଂସାର ମଧ୍ୟ ନାହିଁ । ଶବ୍ଦର ଆଧାରରେ ଯୋଗୀ ଅନୁଭବ ସାକ୍ଷାତ୍କାର ହେବା ପରେ ମନକୁ ନିଜ ଅଧୀନରେ ରଖିଥାନ୍ତି ।

କୋଶ ଅନ୍ନମୟ ପ୍ରାଣମୟ, ଔର ମନୋରମ ଜାନ ।
କୋଶ ଏକ ଓ୍ୱିଜ୍ଞାନ ମୟ, ମୟ ଆନନ୍ଦ ଅମାନ ॥୪୫॥

ଭାଷ୍ୟ - ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଏବଂ ଆନନ୍ଦମୟ - ଏଭଳି ହିଁ ପାଞ୍ଚ କୋଷ ଏହି ଶରୀରରେ ବିଦ୍ୟମାନ ରହଛି, ଯେଉଁମାନଙ୍କ ଦ୍ୱାରା ଆତ୍ମାର ପ୍ରାକୃତିକ କାର୍ଯ୍ୟ ଶରୀର ମଧ୍ୟରେ ହୋଇଥାଏ । ଏହି ଆନନ୍ଦମୟ କୋଷ ମଧ୍ୟ ପ୍ରାକୃତିକ ଅଟେ ଯାହା ଦ୍ୱାରା ଜୀବାତ୍ମାକୁ ପ୍ରାକୃତିକ ସୁଖ ଓ ଆନନ୍ଦ ପ୍ରକଟିତ ହୋଇଥାଏ ଯାହା କ୍ଷଣିକ ଏବଂ ଅନିତ୍ୟ ଅଟେ ।

କୋସ ଅନ୍ନ ମୟ ଦେହ ହୈ, ଅନ୍ନ ସେ ଉପଜେ ନାଶ ।
ପାର୍ଥିଓ୍ୱ ଯହ ସ୍ଥୁଲ ହୈ, ନଶ୍ୱର ସର୍ଓ୍ୱ ଓ୍ୱିକାଶ ॥୪୬॥

ଭାଷ୍ୟ - ଅନ୍ନ ବଳରେ ବୀର୍ଯ୍ୟର ସୃଷ୍ଟି ଓ ତାହା ଦ୍ୱାରା ଏହି ଶରୀରର ନିର୍ମାଣ ହୋଇଥାଏ ଆଉ ପରିଶେଷରେ ତାହାର ବିନାଶ ହୋଇଯାଏ । ସେଥିପାଇଁ ଅନ୍ନ ଦ୍ୱାରା ନିର୍ମିତ ଏହି ପାର୍ଥିବ ସ୍ଥୂଳ ଶରୀର ଅଟେ ଯାହା ନଶ୍ୱର ଅଟେ । ଅନ୍ନ ପୃଥିବୀରୁ ପ୍ରକଟ ହୁଏ ଓ ପୃଥିବୀର ବିଶେଷ ଭାବ ଏହି ଶରୀରରେ ହେଉଥିବାରୁ ଏହା ସ୍ଥୂଳ ହୋଇଯାଏ । ସୁତରାଂ ପୃଥିବୀ ତତ୍ତ୍ୱ ବିଶେଷ କାରଣ ହୋଇଥିବାରୁ ଏହି ଦେହକୁ ପାର୍ଥିବ ଶରୀର ବୋଲି କୁହାଯାଏ । ଏହା ଅନ୍ନମୟ କୋଷର ପରିଭାଷା ଅଟେ ଯେଉଁଥିରୁ ସ୍ଥୂଳ ଶରୀରର ନିର୍ମାଣ ହୋଇଥାଏ ।

ପଞ୍ଚ ପ୍ରାଣ ମିଲ ପ୍ରାଣ ମୟ, ପ୍ରାଣନ କର ବ୍ୟଓ୍ୱପାର ।
ଜଗ ଜୀଓ୍ୱନ ସୋ ପ୍ରାଣ ହୈ, ପ୍ରାଣ ଓ୍ୱିନା ସଂଘାର ॥୪୭॥

ଭାଷ୍ୟ - ପଞ୍ଚ ପ୍ରାଣ ଦ୍ୱାରା ହିଁ ଏହି ଶରୀରର ବ୍ୟବହାର ଚାଲିଥାଏ । ସମସ୍ତ ନଳଚକ୍ର ପ୍ରାଣ ଦ୍ୱାରା ହିଁ ଚାଲେ । ସମସ୍ତ ସଂସାରର ଜୀବନ ପ୍ରାଣରୁ ଉତ୍ପନ୍ନ । ଏହା ବିନା ଜୀବନର ବିନାଶ ହୋଇଥାଏ । ପ୍ରାଣର ଆଧାରରେ ହିଁ ଶରୀରର ସମସ୍ତ କ୍ରିୟା ସମ୍ପାଦିତ ହୋଇଥାଏ । ପଞ୍ଚ ପ୍ରାଣ ଏକତ୍ରିତ ହୋଇ ପ୍ରାଣମୟ କୋଷ ସୃଷ୍ଟି ହୋଇଥାଏ ।

ଅହଙ୍କାର ମନ ସାଥ ହୈ, ଇନ୍ଦ୍ରିନ କର୍ମ ମିଲାୟ ।
ରୂପ ମନୋମୟ କୋଶ ହୈ, ଜା ମହଁ ସୃଷ୍ଟି ସମାୟ ॥୪୮॥

ଭାଷ୍ୟ - ପାଞ୍ଚ କର୍ମେନ୍ଦ୍ରିୟ, ଅହଙ୍କାର ତଥା ମନକୁ ନେଇ ମନୋମୟ କୋଷର ସ୍ୱରୂପ ନିର୍ମିତ । ଏହି କୋଷରେ ମନ ପ୍ରଧାନ ଅଟେ । ସେଥିପାଇଁ ଏହାକୁ ମନୋମୟ କୋଷ କୁହାଯାଏ । ମନରେ ସମଗ୍ର ସୃଷ୍ଟି ସମାବେଶିତ ହୋଇଛି ଏବଂ ମନର ରାଜ୍ୟରେ ହିଁ ସମସ୍ତ ଜଗତ ପ୍ରପଞ୍ଚର ରଚନା ହୋଇଛି ।

ଜ୍ଞାନ ଇନ୍ଦ୍ରିୟେ ପାଞ୍ଚ ମିଲ, ବୁଦ୍ଧି ଚିତ୍ତ ସଂଗ ହୋୟ ।
କୋଶ ବନେ ଓ୍ୱିଜ୍ଞାନ ମୟ, ସର୍ଓ୍ୱ ଅଚ୍ଛାଦିତ ହୋୟ ॥୪୯॥

ଭାଷ୍ୟ - ପଞ୍ଚ ଜ୍ଞାନେନ୍ଦ୍ରିୟ, ବୁଦ୍ଧି ଓ ଚିତ୍ତକୁ ନେଇ ବିଜ୍ଞାନମୟ କୋଷ ନିର୍ମିତ ଯାହାଠାରୁ ସମସ୍ତ ଦେହ ସଂଘାତର ଶକ୍ତି ଲୁଚି ରହିଛି ।

ପ୍ରକୃତି ପ୍ରେମ ଆଶ୍ରିତ ରହେ, ଅରୁ ପ୍ରସନ୍ନ ମନ ହୋୟ ।
ନ୍ୟୁନାଧିକ ଆନନ୍ଦ ହୈ, ମୟ ଆନନ୍ଦ ବନୋୟ ॥୫୦॥

ଭାଷ୍ୟ - ଯାହା ନିକଟରେ ପ୍ରେମ, ପ୍ରସନ୍ନତା ନ୍ୟୁନାଧିକ ପ୍ରେମ, ଆନନ୍ଦ ତଥା ସୁଖ ରହିଛି ଏବଂ ଯାହାର ଆଧାର କାରଣ ପ୍ରକୃତି ଅଟେ ତାହାକୁ ଆନନ୍ଦମୟକୋଷ କହନ୍ତି । ଆନନ୍ଦମୟକୋଷ ପ୍ରାକୃତିକ ଅଟେ । ଚେତନ ଆତ୍ମାର ଆନନ୍ଦ ଏହି କୋଷରେ ନ ଥାଏ ।

# ଅନେକ ରୋଗର ମହୌଷଧୀ ତେନ୍ତୁଳି ପତ୍ର

**କ**ଇଁଆ ବା ତେନ୍ତୁଳି ଗଛର ପତ୍ର ଦ୍ୱାରା ତ୍ୱଚା ସଂକ୍ରମଣଜନିତ ରୋଗକୁ ରୋକା ଯାଇପାରିବ ଏବଂ ଏହାର ଲକ୍ଷଣରୁ ମଧ ମୁକ୍ତି ମିଳି ପାରିବ । ତେନ୍ତୁଳି ଗଛର ପତ୍ରରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଥାଏ । ଯାହା ଦ୍ୱାରା କୌଣସି ସୂକ୍ଷ୍ମ ଜୀବ ସଂକ୍ରମଣରୁ ଶରୀରକୁ ରକ୍ଷା କରାଯାଇ ପାରିବ । ତେନ୍ତୁଳି ପତ୍ରରୁ ରସ ବାହାର କରି ଘା'ରେ ଲଗାଇବା ଦ୍ୱାରା ତାହା ଖୁବ୍ ଶୀଘ୍ର ଶୁଖି ଯାଇ ନୂଆ କୋଷିକା ମଧ ପ୍ରସ୍ତୁତ କରିଥାଏ । ତେନ୍ତୁଳି ପତ୍ର ସେବନ କରିବା ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ନିୟନ୍ତ୍ରିତ ରହିବା ଦ୍ୱାରା ମଧୁମେହ ଭଳି ରୋଗ ନିୟନ୍ତ୍ରିତ ରହେ । ସାଧାରଣତଃ ଦାନ୍ତମାଢ଼ି ଓ ନଖ ଦୁର୍ବଳ ହେବା ସହ ଥକ୍କାପଣ ଭଳି ଲକ୍ଷଣ ଦେଖିବାକୁ ମିଳେ । ତେନ୍ତୁଳି



ପତ୍ରକୁ ଚୋବାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । କାରଣ ତେନ୍ତୁଳି ପତ୍ରରେ ଏକ ପ୍ରକାର ଏସିଡ୍ ଥାଏ, ଯାହା ଆଣ୍ଟି ସ୍କର୍ବି ଭିଟାମିନ୍ ଭଳି କାର୍ଯ୍ୟ କରେ । ଶରୀରରେ ଆଣ୍ଠୁଗଣ୍ଠି ଓ ପାଦ ଫୁଲିବା ଭଳି ସମସ୍ୟା ଦେଖା ଦେଲେ, ତେନ୍ତୁଳି ପତ୍ରର ରସକୁ ବ୍ୟବହାର କରି ଏହାକୁ ଦୂର କରି ପାରିବେ । ଏହା ପ୍ରଭାବକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏଥିରେ ଅମୃତ ଭଣ୍ଡା, ଲୁଣ ଓ ପାଣି ମିଶାଇ ପାରିବେ, କିନ୍ତୁ ଧାନ ରଖିବେ ଯେ ଲୁଣର ମାତ୍ରା ଯେପରି କମ୍ ରୁହେ ।

## ଟିକିଏ ହସନ୍ତୁ

ପ୍ରେମିକା କାନ୍ଦି କାନ୍ଦି ପ୍ରେମିକକୁ: ସବୁ ସରିଗଲା ।
ପ୍ରେମିକ: କ'ଣ ହେଲା ଜାନୁ ?
ପ୍ରେମିକା: ବାପା ମୋର ବାହାଘର ଠିକ୍ କରି ଦେଇଛନ୍ତି ।
ପ୍ରେମିକ: ଓଃ ।
ପ୍ରେମିକା: ଓଃ, କ'ଣ ? କିଛି ଗୋଟେ କର ।
ପ୍ରେମିକ: ଠିକ୍ ଅଛି, ମୁଁ ଆଜି ହିଁ ମୋ ପାଇଁ ଆଉ ଗୋଟେ ଝିଅ ଠିକ୍ କରୁଛି ।

× × ×

ଶିକ୍ଷକ: ପିଲାମାନେ ଶପଥ ନିଅ ମଦ, ସିଗାରେଟ୍ କେବେ ଛୁଇଁବୁନି ।
ପିଲାମାନେ: ଛୁଇଁବୁନି ।
ଶିକ୍ଷକ: ଝିଅଙ୍କ ଚକ୍କରରେ ପଡିବନି ।
ପିଲାମାନେ: କେବେ ପଡିବୁନି ।
ଶିକ୍ଷକ: ଫେସବୁକ୍‌କୁ ସାଥୀ କରିବନି ।
ପିଲାମାନେ: କରିବୁନି ।
ଶିକ୍ଷକ: ଦେଶ ପାଇଁ ଜୀବନ ଦେବେ ।
ପିଲାମାନେ: ଜୀବନ ଦେଇଦେବୁ ।
ଏଭଳି ଜୀବନ ଥାଇ ଲାଭ କ'ଣ ହେବ ଯେ ।



× × × ×

ମ୍ୟାନେଜର ଚାକିରୀ ପାଇଁ ନିବେଦନ କରିଥିବା ପ୍ରାର୍ଥୀଙ୍କୁ : ତମେ ଏମିତି ଏକ ଇଂରାଜୀ ଶବ୍ଦ କହିପାରିବ ଯେଉଁଥିରେ ୧୦୦ ରୁ ଉର୍ଦ୍ଧ ଲେଟର ଥିବ ?
ପ୍ରାର୍ଥୀ: ହଁ, ନିଶ୍ଚୟ ।
ମ୍ୟାନେଜର: ତେବେ କହିଲ ଦେଖି ।
ପ୍ରାର୍ଥୀ: ପୋଷ୍ଟ ବକ୍ସ ।

× × × ×

ସ୍ୱାମୀ: ଜଲଦି ଯାଅ ଝାଡୁ ମାର ।
ସ୍ତ୍ରୀ: ମୁଁ କରିବିନି ।
ସ୍ୱାମୀ: ତମେ ଝାଡୁ ମାର ମୁଁ କହୁଛି ।
ସ୍ତ୍ରୀ: ହଉ ଠିକ୍ ଅଛି ।
ସ୍ୱାମୀ: ଇଲୋ ବୋଉଲୋ ମରିଯିବ ସେତିକି ଥାଉ । ମୁଁ ତ ଘର ଝାଡୁ କରିବା କଥା କହୁଥିଲି । ମତେ ମାରିବାକୁ କହୁ ନ ଥିଲି ।

× × × × × ×

ସ୍ତ୍ରୀ: ତୁମକୁ ମୋର ସୁନ୍ଦରତା ଅଧିକ ଭଲ ଲାଗେ ନା ମୋର ସଂସ୍କାର ।
ସ୍ୱାମୀ: ମତେ ତୁମର ଏଇ ମଜାକ୍ କରିବାର ଅଭ୍ୟାସ ବହୁତ ଭଲ ଲାଗେ ।

× × × × × ×

ସ୍ୱାମୀ: କୁଆଡେ ଯାଉଥିଲ ?
ସ୍ତ୍ରୀ: ରକ୍ତଦାନ କରିବାକୁ ।
ସ୍ୱାମୀ: ପିଇ ପିଇ ଓଭରଫ୍ଲୋ ହେଲାଣି ବୋଧେ ଏବେ ବିକିବାକୁ ଯାଉଛ ।

# ହିତକାରୀ ସେଓ

**ସେ**ଓରେ ଭରପୂର ମାତ୍ରାରେ ପୋଷକ ତତ୍ତ୍ୱ ରହିଥାଏ । ଏହାର ସ୍ୱାଦ ମିଠା ହୋଇଥିବାରୁ ଅଧିକାଂଶ ଲୋକ ଏହା ଖାଇବାକୁ ପସନ୍ଦ କରିଥାନ୍ତି । ସାଧାରଣତଃ ଲୋକେ ସବୁଜ ସେଓ ପରିବର୍ତ୍ତେ ଲାଲ ସେଓ ଖାଇବାକୁ ଅଧିକ ପସନ୍ଦ କରନ୍ତି । ବିଶେଷଜ୍ଞଙ୍କ ମତରେ ଲାଲ ସେଓ ପରିବର୍ତ୍ତେ ସବୁଜ ସେଓ ଶରୀର ପାଇଁ ଅଧିକ ଲାଭଦାୟକ । କାରଣ ଏଥିରେ ଭରପୂର ମାତ୍ରାରେ ଆଇରନ୍, ପୋଟାସିୟମ, କ୍ୟାଲସିୟମ ଏବଂ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି ।

ଲାଲ ସେଓ ଅପେକ୍ଷା ସବୁଜ ସେଓରେ ଅଧିକ ମାତ୍ରାରେ ଫାଇବର ଓ କମ୍ ମାତ୍ରାରେ ଶର୍କରା ରହିଥିବାରୁ ଏହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ।

ଏକ ଗବେଷଣାରୁ ଜଣାପଡିଛି ସବୁଜ ସେଓରେ ଫ୍ଲାବୋନଏଡ୍ସ ରହିଛି । ଯାହା ଶ୍ୱାସରୋଗୀ ପାଇଁ ଭଲ । ସବୁଜ ସେଓ ନିୟମିତ ସେବନ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ୍ ଥାଏ ।

ସବୁଜ ସେଓ ଏଭଳି ପୋଷକ ତତ୍ତ୍ୱ ରହିଥାଏ, ଯାହା କୋଲେଷ୍ଟେରୋଲ ସ୍ତରକୁ କମ୍ କରେ । ଏଥିରେ ଥିବା ଫ୍ଲାବୋନଏଡ୍ସ ହୃଦଘାତ ଜନିତ ରୋଗକୁ କମ୍ କରୁଥିବାର ବିଶେଷଜ୍ଞଙ୍କ ମତ ।

ସବୁଜ ସେଓରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଥାଏ । ଏହାକୁ ନିୟମିତ ସେବନ କରିବା



ଦ୍ୱାରା ଚେହେରାରେ ଚମକ ଆସେ ।

ବୈଜ୍ଞାନିକ ମତ ଅନୁଯାୟୀ ନିୟମିତ ଭାବରେ ସବୁଜ ସେଓ ଖାଇବା ଦ୍ୱାରା ରକ୍ତ ବିଶୁଦ୍ଧ ହେବା ସହ ଷ୍ଟ୍ରୋକ୍ ହେବାର ଆଶଙ୍କା କମ୍ ଥାଏ ।

ସବୁଜ ସେଓର ଭିଟାମିନ୍ ଏ, କ୍ୟାଲସିୟମ, ଫାଇବର ଓ ଅନେକ ପୋଷକ ତତ୍ତ୍ୱ ରହିଛି । ଏହାକୁ ନିୟମିତ ସେବନ କରିବା ଦ୍ୱାରା ହାଡ଼ ଜନିତ ସମସ୍ୟା ଏବଂ ଅଷ୍ଟିଓପୋରୋସିସ୍ ଭଳି ରୋଗ ହେବାର ଆଶଙ୍କା କମ୍ ଥାଏ ।

ନିୟମିତ ସବୁଜ ସେଓ ଖାଇବା ଦ୍ୱାରା ଆଖିଜ୍ୟୋତି ବୃଦ୍ଧି ହୋଇଥାଏ ଏବଂ ମାନସିକ ଚିନ୍ତା ମଧ କମ୍ ହେଉଥିବାର ପ୍ରକାଶ । ଏହାକୁ ନିୟମିତ ସେବନ ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ । ଏହା ସହ ରୋଗ ପ୍ରତିରୋଧକ ପ୍ରକ୍ରିୟା ସଠିକ୍ ରହିଥାଏ ।

# ଜଡ଼ାର ଉପକାରିତା

ଜଡ଼ା ଏକ ଡେଙ୍ଗା ଗୁଳ୍ମ, ସମୟ ସମୟରେ ଗଛ ଭଳି ବଡ଼ ହୋଇଯାଏ । ପତ୍ର ଖୁବ୍ ବଡ଼, ପ୍ରଶସ୍ତ, ଗୋଲାକାର ରୂପ କିନ୍ତୁ ଆଂଶିକ ଭାବରେ ୭ ଖଣ୍ଡରେ ବିଭକ୍ତ, ପତ୍ରଧାର ଦନ୍ତୁରିତ । ଫୁଲ ବଡ଼, ଏକ ପ୍ରକାର ଅଗ୍ରସ୍ଥ ଗୁଚ୍ଛରେ ବିରାଜିତ । ଛୋଟ ନରବ କଣ୍ଟାଯୁକ୍ତ ସେତାଟକ ଫଳ, କେତାକାଂଶରେ ଛଅ ଭାଗରେ ଚିହ୍ନିତ । ବୀଜ ଆୟତାକାର ବୀଜତ୍ୱକ୍ କଠିନ । ଏହି ଜାତିର ଏକ ପ୍ରକାର ଗଛ ପ୍ରାୟ ବହୁବର୍ଷୀ, କାଷ୍ଠୀୟ କାଣ୍ଡ, ବୀଜ ବଡ଼ ଓ ଲାଲ । କଥିତ ଅଛି ଯେ ଏଥିରୁ ଯେଉଁ ତୈଳ ଉତ୍ପାଦିତ ହୁଏ ତାହା କେବଳ ଦୀପଦାନ ଏବଂ ପିଚ୍ଛିଳକରଣ ପାଇଁ ଉପଯୁକ୍ତ । ଏହି ଜାତିର ଏକବର୍ଷୀ ଗଛ ରୂପେ ଲଗାଯାଉଥିବା ଅନ୍ୟ ଏକ ପ୍ରକାରର ଗଛର ବୀଜଗୁଡିକ ପାଉଁଶିଆ ଏବଂ ଫିଙ୍ଗଳ କର୍ବୁରିତ, ଏହି ବୀଜଗୁଡ଼ିକରୁ ଉତ୍ପାଦିତ ତୈଳ ଔଷଧ ରୂପେ ବ୍ୟବହୃତ ହେବା ପାଇଁ ଉପଯୁକ୍ତ । ଏହି ଜାତିର ମଧ ଆଉ ଏକ ପ୍ରକାରର ଗଛ ଅଛି ଯାହାର ପତ୍ରଗୁଡ଼ିକ ନୀଳ, ଲୋହିତ ବା ରକ୍ତାଭ ପିଙ୍ଗଳ ବର୍ଣ୍ଣ ଏହାକୁ କେବଳ ଶୋଭାବର୍ଦ୍ଧନ ପାଇଁ ଲଗାଯାଏ । ଏହି ଗଛକୁ ବହୁଳ ଭାବରେ କୃଷି କ୍ଷେତ୍ରରେ ଚତୁଃ ପାର୍ଶ୍ୱସ୍ଥ ହୁଡ଼ାରେ, ବଗିଚା ପ୍ରଭୃତିରେ ଚାଷ କରାଯାଏ । ଏହା ମଧ ଜଙ୍ଗଲିଆ ଭାବରେ ଖୋଲାପଡିଆ, ବଗିଚା, ଜନବସତି ନିକଟସ୍ଥ ଜମି ଏବଂ ଅନାବାଦୀ ଜମିରେ ପରିଦୃଷ୍ଟ ହୁଏ ।

ଔଷଧ ଏବଂ ଏହାର ଗୁଣ: ଏହି ଗଛର ବୀଜ ଔଷଧରେ ବ୍ୟବହୃତ ହୁଏ । ବୀଜ ବିଷାକ୍ତ, ଏପରିକି ୨ କିମ୍ବା ୩ ଟି ବୀଜ ମଣିଷ ପାଇଁ ମାରାତ୍ମକ ହୋଇପାରେ । ଏହାର ବୀଜରୁ ନିଷ୍କାସିତ ତୈଳ ଜଡାତେଲ ନାମରେ ପରିଚିତ ଏବଂ ଏହା ଏକ ବିରେଚକ ରୂପେ ବ୍ୟବହୃତ ହୁଏ ।

ଜଡ଼ାତେଲକୁ କ୍ଷୀର କିମ୍ବା ଫଳରସ ସହିତ ସେବନ କରିବା ସର୍ବୋତ୍କୃଷ୍ଟ । ଜଡ଼ା ତେଲ ମଧ ମଲମରେ ଏକ ପ୍ରଶାନ୍ତକ ମାଧମ ରୂପେ ଏବଂ ନେତ୍ର ବିନ୍ଦୁରେ ଏକ ତୈଳ ବାହକ ରୂପେ ବ୍ୟବହୃତ ହୁଏ ।

ପ୍ରସବକୁ ସୁଗମ କରିବା ପାଇଁ ଜଡାତେଲ ବ୍ୟବହାର ଅନିଶ୍ଚିତ ଫଳଦାୟକ, ବରଂ ଏହାକୁ ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ଏବଂ ସାଧାରଣ ଋତୁସ୍ରାବ ସମୟରେ ଏକ ବିରେଚକ ରୂପେ ପରିମିତ ପରିମାଣରେ ବ୍ୟବହାର କରିବା ବାଞ୍ଛନୀୟ ।

ଜଡ଼ା ତେଲରୁ ପ୍ରସ୍ତୁତ ଏକ ଜେଲ୍ ଚର୍ମ ପ୍ରଦାହରେ ଉପକାରୀ ଏବଂ ଏହା ବୃତିକ ଏକଜିମା ଏବଂ ଚର୍ମ ପ୍ରଦାହରେ ଏକ ଉତ୍ତମ ସଂରକ୍ଷକ ।

ଜଡ଼ାର ଔଷଧୀୟ ଗୁଣ: ଏହା ଗୁରୁପାକ, ଉଷ୍ଣବୀର୍ଯ୍ୟ, ମଧୁର ରସ, ପାଚକ ଓ ମଳଭେଦକ ଏବଂ ବାୟୁ, ଶୂଳ, ଜ୍ୱର, ଶୋଥ, ମଳବନ୍ଧ, ଉଦରୀ, ପ୍ଲୀହା, ଆମଦୋଷ, କୃମି, ଅଜୀର୍ଣ୍ଣ, ଆମବାତ, ବାତ, କଟିଶୂଳ, ଆଣ୍ଠୁବାତ, ଶିରପୀଡ଼ା ଓ ଯାବତୀୟ ପ୍ରକାର ବାତରୋଗ ବିନାଶକ ଅଟେ ।



**ଜଡ଼ାର ବ୍ୟବହାର ବିଧି:**

ଜଡ଼ା ପତ୍ରରେ ଲୁଣ ପୁରାଇ ପୁଡ଼ା କରି ନିଆଁକୁ ଦେଖାଇ ସେଥିରେ ସେକ ଦେଲେ କଟିବାତ, ଆଣ୍ଠୁବାତ, ଆମବାତ, କଟିଶୂଳ, ମଜ୍ଜାବାତ ଏବଂ ସମସ୍ତ ପ୍ରକାର ବାତ ବେଦନା ଶୀଘ୍ର ଉପଶମ ହୁଏ ।

ଜଡ଼ା ପତ୍ର ରସରେ ଡାଲଚିନିକୁ ଘୋରି କପାଳରେ ଲେପ ଦେଲେ ଶିରପୀଡ଼ା ନିବାରିତ ହୁଏ ।

ଜଡ଼ା ପତ୍ରରେ ଗାଈଘିଅ ଲଗାଇ ନିଆଁରେ ସେକି ଆଣ୍ଠୁଗଣ୍ଠି ପ୍ରଭୃତିରେ ଲଗାଇ ବାନ୍ଧି ରଖିଲେ ଆମବାତ ଜନିତ ଆଣ୍ଠୁଗଣ୍ଠି ଓ ସନ୍ଧି ପ୍ରଭୃତି ସ୍ଥାନମାନଙ୍କରେ ଫୁଲା, ଦରଜ ଓ ବିନ୍ଧା ଭଲହୁଏ ।

ଜଡ଼ା ଗଛର ପତ୍ରକୁ ଜଳରେ ସିଝାଇ ସେଥିରେ ଗୁଡ଼ ମିଶାଇ ରଖିଲେ ମାଛି ସବୁ ଖାଇ ମରିଯାନ୍ତି ।

ଜଡ଼ା ତେଲରୁ କିଛି ଆଣି ତାହାକୁ ଶୀତଳ ଜଳରେ ଗୋଳାଇ ପାନ କଲେ ଝାଡ଼ା ହୋଇ ମଳବନ୍ଧ, ବାୟୁ, ଅଜୀର୍ଣ୍ଣ ପ୍ଲୀହା ଆମବାତ ପ୍ରଭୃତି ରୋଗ ଭଲ ହୁଏ । ଜଡ଼ା ପତ୍ର ପୋଡି ପାଉଁଶ କରି ସେହି ଭସ୍ମରୁ ଏକ ଅଣା ଓଜନର ଆଣି ସେଥିରେ ଅଳ୍ପ ହିଙ୍ଗୁ ମିଶାଇ ତିନିଥର ସେବନ କଲେ ମେଦ ବୃଦ୍ଧି ରୋଗ ନିବାରିତ ହୁଏ । ଜଡ଼ା ଗଛ ମୂଳର ଛେଲି ଓ ଗଛପତ୍ର ଏକତ୍ର କରି ଜଳରେ ସିଝାଇ ଛାଣି ସେହି ଜଳରେ ଚକ୍ଷୁ ଧୋଇଲେ ଚକ୍ଷୁର ଆଲୁଅ ଉଠିବା ଭଲ ହୁଏ ।

ଗବଗଛ ମୂଳର ଛେଲି ଓ ଗବପତ୍ର ଏକତ୍ର କରି ଜଳରେ ସିଝାଇ ଛାଣି ସେହି ଜଳରେ ଚକ୍ଷୁ ଧୋଇଲେ ଚକ୍ଷୁର ଆଲୁଅ ଉଠିବା ଭଲହୁଏ ।

ଜଡ଼ା, ବାସଙ୍ଗ ଓ ବେଲ ଏହି ତିନି ଗଛର ପତ୍ରକୁ ସମପରିମାଣରେ ଆଣି ଏକତ୍ର ଜଳରେ ସିଝାଇ ଛାଣି ସିଝାଜଳ ସାଙ୍ଗରେ ଅଳ୍ପଲୁଣ ମିଶାଇ କନା ଭିଜାଇ ବାରମ୍ବାର ସେକ ଦେଲେ ଅର୍ଶବଳୀର ଉପଶମ ହୁଏ ।ଗରମ ଜଳ ସହିତ ଜଡ଼ାତେଲ ମିଶାଇ ସେବନ କଲେ ଝାଡ଼ାହୋଇ କଣ୍ଡୁ, ବିଚିକା, ଶୋଥ, ବ୍ରଣ, ଅମ୍ଳପିତ୍ତ, ଗୁଳ୍ମ, କମଳ ଓ ଉଦରୀ ପ୍ରଭୃତି ରୋଗ ଭଲ ହୁଏ ।

## ଆପଣ ଜାଣନ୍ତି କି ?

- ବିଶ୍ୱର ଖ୍ୟାତନାମା ବୈଜ୍ଞାନିକ ଆଇନଷ୍ଟାଇନ ନୋବେଲ ପୁରସ୍କାର ସ୍ୱରୂପ ଯେତେ ଅର୍ଥ ପାଇଥିଲେ ତାହା ତାଙ୍କ ପୂର୍ବତନ ପତ୍ନୀଙ୍କୁ ଛାଡ଼ପତ୍ରର ଚୁକ୍ତି ଅନୁଯାୟୀ ପ୍ରଦାନ କରିଥିଲେ ।
- ବିଶ୍ୱରେ ଫିଲିପାଇନ୍ସ ଏକମାତ୍ର ଦେଶ ଯେଉଁଠାରେ ଛାଡ଼ପତ୍ର ଆଇନ ସମ୍ମତ ନୁହେଁ ।
- ପ୍ରେମ ବିବାହ କରିଥିବା ୭୫ ପ୍ରତିଶତ ଦମ୍ପତି ଛାଡ଼ପତ୍ର ଦିଆନିଆ ହୋଇଥାନ୍ତି ।
- ଯେଉଁ ବ୍ୟକ୍ତିଙ୍କ ଅଧିକ ସମୟ ଯାତ୍ରାରେ ବିତିଥାଏ ସେହିମାନେ ହିଁ ଅଧିକ ସଂଖ୍ୟକ ଛାଡ଼ପତ୍ର ଦେଇଥାନ୍ତି ।
- ବ୍ରିଟେନର ଖ୍ୟାତନାମା ଗାୟକ ଫିଲ୍ କଲିନ୍ସ ନିଜର ଦ୍ୱିତୀୟ ପତ୍ନୀଙ୍କୁ ଫାକ୍ସ ମାଧ୍ୟମରେ ଛାଡ଼ପତ୍ର ଦେଇଥିଲେ ।
- ୨୦୦୭ ରେ ବୋସନିଆର ଏକ ଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ଦିଆନିଆ ହୋଇଥିଲା । ଏହାର କାରଣ ଥିଲା ବିଚିତ୍ର । ଉଭୟ ସ୍ୱାମୀ-ସ୍ତ୍ରୀ ଅନଲାଇନରେ ଛଦ୍ମ ନାମରେ ଚାଟିଂ କରି ଆସୁଥିଲେ । ଉଭୟେ ଏହା ଜାଣିବା ପରେ ଛାଡ଼ପତ୍ର ଦିଆନିଆ ହୋଇଥିଲା ।
- ଇଟାଲୀରେ ଅର୍ଦ୍ଧାଧିକ ଛାଡ଼ପତ୍ର 'ହ୍ୱାଟସଆପ୍' ଯୋଗୁଁ ହୋଇଥାଏ ।
- ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁ ଦମ୍ପତି ସେମାନଙ୍କ ବିବାହରେ ଅଧିକ ଅର୍ଥ ଖର୍ଚ୍ଚ କରିଥାନ୍ତି ସେମାନଙ୍କ ମଧ୍ୟରେ ହିଁ ଅଧିକ ସଂଖ୍ୟାରେ ଛାଡ଼ପତ୍ର ଦିଆନିଆ ହୋଇଥାଏ ।
- ମାଲେସିଆରେ ଏସଏମଏସ ମାଧ୍ୟମରେ ଛାଡ଼ପତ୍ର ଦେବା ଆଇନସମ୍ମତ ।

# ଦେହକୁ ହିତ ଲାଉରସ

ଗ୍ରୀଷ୍ମ ଋତୁରେ ଲାଉ ରସ ଦେହ ପାଇଁ ଅତ୍ୟନ୍ତ ଉପକାରୀ । ଏହି ଋତୁରେ ବୃଦ୍ଧି ପାଉଥିବା ଶରୀରର ଉତ୍ତାପକୁ ଏହା କମ୍ କରେ ।



ଅସ୍ୱାଭାବିକ ଓଜନ ବୃଦ୍ଧିକୁ ହ୍ରାସ କରିବା କ୍ଷେତ୍ରରେ ଏହା ଅମୋଘ ଅସ୍ତ୍ର । ଖାଲି ପେଟରେ ନିୟମିତ ଲାଉ ରସ ପିଇଲେ ଓଜନ ହ୍ରାସ ପାଏ ।

ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଏହା ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏହା କୋଲେଷ୍ଟେରଲ ମାତ୍ରାକୁ ନିୟନ୍ତ୍ରଣ କରେ ଏବଂ ରକ୍ତଚାପ ବଢ଼ିବାକୁ ଦିଏ ନାହିଁ । ଗ୍ରୀଷ୍ମଚାପ ସ୍ୱାଭାବିକ ରହିବା ଦ୍ୱାରା ହୃଦୟ ମଧ ସୁସ୍ଥ ଓ ନୀରୋଗ ରହିଥାଏ ।

ଗ୍ରୀଷ୍ମଋତୁରେ ପ୍ରଚୁର ଝାଳ ବାହାରୁ ଥିବାରୁ ଶରୀରର ଜଳୀୟ ଅଂଶ କମିଯାଏ । ଫଳରେ ପରିସ୍ରାପୋଡ଼ା ହୁଏ । ଲାଉ ରସ ନିୟମିତ ପିଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ଆଶଙ୍କା କମ୍ ହୁଏ ।

ପରିସ୍ରାଜନିତ ସମସ୍ୟା ଦୂର ହେଉଥିବାରୁ ମୂତ୍ର ସଂକ୍ରମଣ ପରି ମାରାତ୍ମକ ରୋଗରୁ ରକ୍ଷା ମିଳେ । ଏଥିରେ ଥିବା ଭିଟାମିନ୍ ସି, ଭିଟାମିନ୍ କେ, କ୍ୟାଲସିୟମ ଓ ଆଣ୍ଟି ଅକ୍ସିଡାଣ୍ଟ ହୃଦଯନ୍ତ୍ରର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୁଏ ।

କେଶ ଝଡୁ ଥିଲେ ବା ଅବେଳରେ ପାଚିଯାଉ ଥିଲେ ଲାଉ ରସ ପିଅନ୍ତୁ ଏବଂ ରାଶିତେଲ ସହ ମିଶାଇ ଏହାକୁ କେଶ ମୂଳରେ ପ୍ରତିଦିନ ଲଗାନ୍ତୁ ।

ଲାଉ ରସ ତ୍ୱଚାର ଚମକ ବୃଦ୍ଧି କରିବା ସହ ବ୍ରଣ କମ୍ କରେ । ଏହା ଅନିଦ୍ରା ସମସ୍ୟା ଦୂର କରେ ।

# ଷ୍ଟ୍ରୋକ୍ ଆଶଙ୍କା କମାଏ ଦହି, ଫଳ

ବିଭିନ୍ନ ଷ୍ଟ୍ରୋକର ବିଭିନ୍ନ ପ୍ରକାର ଖାଦ୍ୟ ସହ ସମ୍ପର୍କ ରହିଛି ବୋଲି ଇଂଲଣ୍ଡର ଅକ୍ସଫୋର୍ଡ ୟୁନିଭର୍ସିଟି ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି । ବିଶେଷ କରି ଅଧିକ ଫଳ, ପରିବା ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଇଶ୍ଚେମିକ ଷ୍ଟ୍ରୋକ୍ ହେବାର ଆଶଙ୍କା କମ୍ ରହିଥିବା ସ୍ପଷ୍ଟ ହୋଇଛି । ଦୈନିକ ପରିବା, ତନ୍ତୁଜାତୀୟ ଖାଦ୍ୟ, ବିଭିନ୍ନ କୋଳି, ମଞ୍ଜି, ଫଳ, ଶସ୍ୟ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଇଶ୍ଚେମିକ ଷ୍ଟ୍ରୋକ୍ ହେବାର ଆଶଙ୍କା ସବୁଠୁ କମ୍ ରହିଥିବା ଏହି ଅନୁଧାନରୁ ଜଣାପଡିଛି ।



ଅନ୍ୟପକ୍ଷରେ ହାମରେଜ ଷ୍ଟ୍ରୋକ୍ ସହ ଏହି ଖାଦ୍ୟର କୌଣସି ସମ୍ପର୍କ ରହି ନଥିବା ଲକ୍ଷ୍ୟ କରାଯାଇଛି । କିନ୍ତୁ ଏହି ଦୁଇ ପ୍ରକାର ଷ୍ଟ୍ରୋକ୍ ଉପରେ କୋଲେଷ୍ଟେରଲ ସ୍ତର ଓ ମେଦବହୁଳତାର ପ୍ରଭାବ ରହିଥିବା କହିଛନ୍ତି ଗବେଷଣା ଟିମର ମୁଖ୍ୟ ଟାମି ଟଙ୍ଗ । ଦୈନିକ ୧୦ ଗ୍ରାମ୍ ତନ୍ତୁଜାତୀୟ ଖାଦ୍ୟ ଓ ୨୦୦ ଗ୍ରାମ ପରିବା ଖାଇବା ଦ୍ୱାରା ଇଶ୍ଚେମିକ୍ ଷ୍ଟ୍ରୋକ୍ ଯଥାକ୍ରମେ ୨୩ ଓ ୧୩ ପ୍ରତିଶତ କମ୍ ରହେ ବୋଲି କୁହାଯାଇଛି । କିନ୍ତୁ ଅଧିକ ଅଣ୍ଡା ଖାଇବା ଦ୍ୱାରା ହାମରେଜ ଷ୍ଟ୍ରୋକ୍ ହେବାର ଅଧିକ ସମ୍ଭାବନା ରହିଥିବା ବେଳେ ଇଶ୍ଚେମିକ ଷ୍ଟ୍ରୋକ୍ ସହ ଏହାର କୌଣସି ସମ୍ବନ୍ଧ ନାହିଁ ବୋଲି ଗବେଷକମାନେ କହିଛନ୍ତି । ଦିନକୁ ୨୦ ଗ୍ରାମ ଅଧିକ ଅଣ୍ଡା ଖାଇବା ଫଳରେ ହାମରେଜ ଷ୍ଟ୍ରୋକ୍ ହେବାର ୨୫ ପ୍ରତିଶତ ଅଧିକ ବିପଦ ରହିଥିବା ଜଣାପଡିଛି । ଷ୍ଟ୍ରୋକର ଶିକାର ହେଉଥିବା ମୋଟ ସଂଖ୍ୟାର ୮୫ ପ୍ରତିଶତ ମଷ୍ଚେମିକ ଓ ୧୫ ପ୍ରତିଶତ ହାମରେଜ୍ ଷ୍ଟ୍ରୋକ୍ । ଏଣୁ ଇଶ୍ଚେମିକ୍ ଷ୍ଟ୍ରୋକ୍ ରୋକିବା ଲାଗି ଏହି ସବୁ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କୁହାଯାଇଛି । ଗବେଷଣା ସମ୍ପର୍କିତ ସମସ୍ତ ତଥ୍ୟ ୟୁରୋପିଆନ ହାର୍ଟ ଜର୍ଣ୍ଣାଲରେ ପ୍ରକାଶ ପାଇଛି ।

# କହିପାରିବେ କି ?

(୧) ପେନସିଲରେ କ'ଣ ବ୍ୟବହାର ହୋଇଥାଏ ?
(୨) ଜଳର କେମିକାଲ୍ ଫର୍ମୁଲା କ'ଣ ?
(୩) କେଉଁ ଗ୍ୟାସ୍ ଗ୍ରୀନ ହାଉସ୍ ଗ୍ୟାସ ଭାବରେ ପରିଚିତ ନୁହେଁ ?
(୪) କାର୍ବନ, ଡାଇମଣ୍ଡ ଏବଂ ଗ୍ରାଫାଇଟ୍‌କୁ ଏକତ୍ର କ'ଣ କୁହାଯାଏ ?
(୫) ପୋଟାସିୟମ୍ ନାଇଟ୍ରେଟ୍ କେଉଁଥିରେ ବ୍ୟବହୃତ ହୋଇଥାଏ ?
(୬) କାଉନସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚର ସଭାପତି କିଏ ?
(୭) ସେଣ୍ଟ୍ରାଲ ରାଇସ୍ ରିସର୍ଚ୍ଚ ସେଣ୍ଟର କେଉଁଠି ଅବସ୍ଥିତ ?
(୮) ଇସ୍ରୋର ପ୍ରଥମ ସଭାପତି କିଏ ?
(୯) ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓସିନ୍ ଟେକ୍ନୋଲୋଜି କେଉଁଠି ଅବସ୍ଥିତ ?
(୧୦) ଭାରତର ସବୁଠାରୁ ବଡ଼ ପ୍ଲାନିଟରିୟମର ନାଁ କ'ଣ ?

## JUMBLE WORDS

1) TLCUSP =
2) HELSIG =
3) RTEGI =
4) RMICP =
5) QLASUL =
6) EEMURS =
7) MRAFE =
8) GGION =
9) SIFNUO =
10) MACERY =

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ମେ ୪ ତାରିଖ ,୨.ଭଦୋଦରା, ୩.ରାଜସ୍ଥାନ, ୪.କରଞ୍ଜି ହ୍ରଦ, ୫.ମୁମ୍ବାଇ, ୬.ପ୍ରଥମ କୃଷ୍ଣକାୟ ୧୯୯୪ ରୁ ୧୯୯୯ ପର୍ଯ୍ୟନ୍ତ, ୭.୨୦୦୧ ମସିହାରେ, ୮.ପାକିସ୍ଥାନ, ୯.୧୯୨୭ ଏବଂ ବମ୍ବେ, ୧୦.ବାଲ୍ ଗଙ୍ଗାଧର ତିଳକ ।

***Jumble Words* ର ଉତ୍ତର :-**

(1) CONGA (2) MUNCH(3) OUTAGE(4) ELDEST (5) FRESH (6) SNARL (7) GYPSUM (8) LUCENT (9) AWAKE (10) NANNY.

## ଖାଉଟି ଅଦାଲତରେ ବିଏସଏନଏଲ ଦଣ୍ଡିତ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ଦ୍ୱାରା ବିଏସ୍ ଏନ୍.ଏଲ୍ ଦଣ୍ଡିତ ହୋଇଛି । ଆୟୋଗ ଏକ ମାମଲାର ବିଚାର କରି ଉପଭୋକ୍ତାଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ୨୦୦୦ ଫେବୃଆରି ୮ ତାରିଖରେ ବିଏସ୍ଏନ୍ଏଲ୍ ପକ୍ଷରୁ ଡୁଙ୍ଗୁରିପାଲିର ଶଶାଙ୍କ ଶେଖର ସାହୁଙ୍କୁ ଟେଲିଫୋନ ନଂ ୭୦୧୩୯ ପାଇଁ ୧୮୭୩ ଟଙ୍କା ପୈଠ କରିବାକୁ କୁହାଯାଇଥିଲା । ପ୍ରକୃତରେ ଉକ୍ତ ଟେଲିଫୋନ ନମ୍ବରଟି ଶଶାଙ୍କର ହୋଇ ନ ଥିବା ସତ୍ତ୍ୱେ ସେ ବିଏସ୍.ଏନ୍.ଏଲ୍ ଏହି ଟଙ୍କା ପୈଠ କରିବାକୁ ବାଧ କରିଥିଲା । ପରେ ଏନେଇ ବାରମ୍ବାର ବିଏସ୍ଏନ୍.ଏଲ୍ ଉକ୍ତ ଟେଲିଫୋନ ନମ୍ବର ବିବରଣୀ ପ୍ରଦାନ କରିବା ସତ୍ତ୍ୱେ ବି ବିଏସ୍ଏନ୍ଏଲ୍ ପକ୍ଷରୁ ଟଙ୍କା ଫେରସ୍ତ କରାଯାଇ ନ ଥିଲା ।

ଏହାକୁ ନେଇ ଶଶାଙ୍କ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗରେ ଗତ ୧୪.୩, ୨୦୦୧ ତାରିଖରେ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ବିଚାର କରି ଜିଲ୍ଲା ଖାଉଟି ସୁରକ୍ଷା ମଞ୍ଚ ବିଏସ୍ଏନ୍ଏଲ୍ ବିରୋଧରେ ରାୟ ଶୁଣାଣି କରି ୪୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଟଙ୍କା ନଦେବା ପର୍ଯ୍ୟନ୍ତ ୧୨ ଶତକଡ଼ା ସୁଧ ହାରରେ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ବିଏସ୍ଏନ୍ଏଲ୍ ପକ୍ଷରୁ ରାଜ୍ୟ ଖାଉଟି ସୁରକ୍ଷା ଆୟୋଗଠାରେ ଏକ ଅପିଲ୍ କରାଯାଇଥିଲା । ରାଜ୍ୟ ଖାଉଟି ସୁରକ୍ଷା ଆୟୋଗ ଉକ୍ତ ଅପିଲକୁ ଫେରସ୍ତ କରି ସମସ୍ତଙ୍କୁ ସୁଯୋଗ ଦେଇ ପୁନଃ ବିଚାର କରିବାକୁ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାର ବିଚାର କରି ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ବିଏସ୍ଏନ୍ଏଲ୍‌ର ସେବା ଅପବ୍ୟବହାର ପାଇଁ ୫୦ ହଜାର ଟଙ୍କା ୨ ମାସ ମଧ୍ୟରେ ଅଭିଯୋଗକାରୀ ଶ୍ରୀ ସାହୁଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ନୂତନ କୁଳପତି ସମ୍ବର୍ଦ୍ଧିତ

ସମ୍ବଲପୁର : ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନବ ନିଯୁକ୍ତ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର କୁଳପତିଙ୍କ ଅବଗତି ନିମନ୍ତେ ଲାଇବ୍ରେରି ଓ ଏହାର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ କୁଳସଚିବ ଡକ୍ଟର ନୃପରାଜ ସାହୁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଯୁଗ୍ମସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୦୭ ବର୍ଷରେ ବାମରା ମକର ମହୋତ୍ସବ

ସମ୍ବଲପୁର: ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ସପ୍ତାହ ବ୍ୟାପୀ ବାମରା ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବାମରା ବ୍ଲକ ଉଜଳାପାଟ ପଞ୍ଚାୟତ କେଛୁପାଣି ସ୍ଥିତ ଧବଳେଶ୍ୱର ମନ୍ଦିରରୁ ମହାପ୍ରଭୁ ମହାଦେବ ରଥାରୂଢ଼ ହୋଇ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ନୁନିଆଁମୁଣ୍ଡା, ବଡ଼ ଡୁମେରମୁଣ୍ଡା, ଗଡ଼ପୋଷ ଛକ,ବିଜୁ ପଟ୍ଟନାୟକ ଛକ, କ୍ଷେତ୍ରସନବସ୍ତି ମୁଖ୍ୟ ମାର୍କେଟ, ବସଷ୍ଟାଣ୍ଡ, ଦୁର୍ଗା ମଣ୍ଡପ ଛକ, ବ୍ଲକ ଛକ, ପୋଷ୍ଟ ଅଫିସ ଛକ, ଶ୍ରୀ ଗୁଣ୍ଡିଚା ଗୁଡ଼ି ଛକ, ଭୁଲିଆ ପଡ଼ା ଛକ ଦେଇ ଗୋବିନ୍ଦପୁର ମକର ମେଲଣ ପଡ଼ିଆରେ ପହଞ୍ଚିଥିଲେ । ପ୍ରାୟ ୯ କିଲୋମିଟର ଦୂରତା ଅତିକ୍ରମ କରି ମହାପ୍ରଭୁ ଧବଳେଶ୍ୱର ମହାଦେବ ଆସିଥିବା ବେଳେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ମଦନ ମୋହନ ବେଶରେ ରଥାରୂଢ଼ ହୋଇ ସମ୍ବର୍ଦ୍ଧା, କୀର୍ତ୍ତନ ଭଜନ ଦଳ ସହିତ ମେଲଣ ପଡ଼ିଆ ପହଞ୍ଚିଥିଲେ । ଗୋବିନ୍ଦପୁର ଜମିଦାର ତଥା ଶ୍ରୀ ଜଗନ୍ନାଥଙ୍କ ପ୍ରଥମ ସେବକ ସଂଜୀବ ପାଲ ମୁଖ୍ୟ କର୍ତ୍ତା ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ । ସେଠାରେ ଏକ ସ୍ୱତନ୍ତ୍ର ମଞ୍ଚ ତିଆରି କରାଯାଇ ଉଭୟ ହରିହରଙ୍କ ମନ୍ତ୍ର ଉଚ୍ଚାରଣ କରାଯାଇ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରା ଯାଇଥିଲା । ପରେ ମିତ୍ରତାର ଉଦାହରଣ ସ୍ୱରୂପ ଉଭୟ ମହାପ୍ରଭୁ ମକର (ଚିରାଚରିତ ବନ୍ଧୁ) ବସିଥିଲେ । ଉକ୍ତ ଦିବ୍ୟ ଦୃଶ୍ୟ ଦେଖିବାକୁ




ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନେ ସାମିଲ ହୋଇଥିଲେ । ପରେ ସମସ୍ତଙ୍କୁ ପଡ଼ିଆରେ ମକର ଚାଉଳ ଓ ରାଶି ଲଡୁ ବଣ୍ଟନ କରାଯାଇଥିଲା । ଶୋଭାଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା କରିବାକୁ ଘର ସାମ୍ନାରେ କଳସ, ଦ୍ୱୀପ, ଧୂପ ଆଦି ରଖାଯାଇଥିଲା । ଏହି ଅବସରରେ କୁଚିଣ୍ଡା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ଜିଲ୍ଲା ପରିଷଦ ସଭାପତି କୁମୁଦିନି ନାୟକ, ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ସରପଞ୍ଚ ବିମଳ ଲାକ୍ରା ,ସମାଜସେବୀ କ୍ଷୀରୋଦ ସା ସମେତ ଅନ୍ୟାନ୍ୟ ଅତିଥି ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ମକର ବସିଥିବା ୧୦ ଯୋଡା ଯୁବକ ଯୁବତୀ ଓ ମହିଳା ପୁରୁଷଙ୍କୁ ମହୋତ୍ସବ କମିଟି ପକ୍ଷରୁ ବସ୍ତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଗତ ୧୯୧୬ ମସିହାରେ ଆରମ୍ଭ ହୋଇଥିବା ବାମରା ମକର ମେଳାକୁ ୧୦୭ ବର୍ଷ ପୂରିଥିବା ବେଳେ ଏଥର ଶତ ବାର୍ଷିକୀ ପାଳନ କରାଯାଉଛି । କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଆୟୋଜିତ ଉକ୍ତ ଉତ୍ସବରେ କୁଲ୍ଟା, ଘୁମୁରା, ଡବଲା କଟା, ସୁବର୍ଣ୍ଣପାଲି, ନୂଆଁ ଗାଁ, ମୁଣ୍ଡକଟା, ରେଙ୍ଗାଲି, ସହାସପୁର, ଖଣ୍ଡୋକଟା, ଝୁଣ୍ଟା ମାଲ, ସାରଙ୍ଗ ଲୋଇ, ଉଲୁଣ୍ଡା, କେଛୁପାଣି, ବାଦପଡ଼ା, ନୁନିଆଁମୁଣ୍ଡା ଆଦି ଗ୍ରାମରୁ ସଂକୀର୍ତ୍ତନ ଦଳ, ସମ୍ବର୍ଦ୍ଧା ମଣ୍ଡଳୀ, କୃଷ୍ଣଗୁରୁ, ସୁର ଝଙ୍କାର, ଘଣ୍ଟ ବାଦ୍ୟ, ଦୁଲଦୁଲି ଆଦି ସାଂସ୍କୃତିକ ଦଳମାନେ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ବାମରା ଡ୍ରାଇଭର ମହାସଙ୍ଘ ଓ ବିଭିନ୍ନ ସାମାଜିକ ସଂଗଠନଙ୍କ ଦ୍ୱାରା ଭିନ୍ନ ଭିନ୍ନ ସ୍ଥାନରେ ପାନୀୟ ଜଳ,ବିସ୍କୁଟ ଆଦିର ବ୍ୟବସ୍ଥା କରାଯାଇଥିଲା । ବାମରା ହାଇସ୍କୁଲ ସ୍ଥିତ ମହୋତ୍ସବ ସମାରୋହ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ମୁଖ୍ୟ ଅତିଥି ଏବଂ ସୁରେନ୍ଦ୍ର ଗୌନ୍ତିଆ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ।

## ବୁର୍ଲାରେ ବ୍ୟାସକବି ଫକୀର ମୋହନ ଜୟନ୍ତୀ

ସମ୍ବଲପୁର: ସାହିତ୍ୟ ସଂସଦ ଓ ଭାରତୀ କଳା ବିକାଶ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭାରତୀ କଳାବିକାଶ କେନ୍ଦ୍ର ଠାରେ ବ୍ୟାସକବି ଫକୀର ମୋହନ ଜୟନ୍ତୀ ପାଳିତ ହୋଇଯାଇଛି । ଫକୀର ଚରଣ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ସମ୍ପାଦକ ଶାନ୍ତନୁ କୁମାର ସୁନା ସ୍ୱାଗତ ଅଭିଭାଷଣ ସହିତ ଫକୀରମୋହନ ସାହିତ୍ୟିକ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡକ୍ଟର ଫକୀର ଚରଣ ରଣା, ଫକୀର ମୋହନ ସେନାପତି, ସାହିତ୍ୟକୃତୀ ଓ କୃତିତ୍ୱ




ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ବର୍ଷୀୟାନ କବି ନିରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ଅର୍ଜୁନ ମେହେର, ଇଂ. ଶୁଭାଂଶୁ ବେହେରା, ଦୀନବନ୍ଧୁ ପଣ୍ଡା, ରଶ୍ମିରଞ୍ଜନ ଶତପଥୀ, ଫଗୁନୁ ସେଠ, କବୟିତ୍ରୀ ସ୍ୱର୍ଣ୍ଣଲତା ପତି, ଇନ୍ଦୁ ଦାଶ, କିଶୋର ଜେନା, ନିରଞ୍ଜନ ପଟ୍ଟନାୟକ, ଡଃ. ଫକୀର ଚରଣ ରଣା, ସୌମ୍ୟରଞ୍ଜନ ନାୟକ, ରମାକାନ୍ତ ମେହେର, ସସ୍ମିତା ପରିଡ଼ା ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ସତ୍ୟବ୍ରତ ସାହୁ, ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି, କୈଳାସ ମିଶ୍ର, ଗଜେନ୍ଦ୍ର ବଗାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ କୋଷାଧ୍ୟକ୍ଷ ତଥା ଅଧ୍ୟାପକ ଅରବିନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସେତୁ'ର ରଜତ ଜୟନ୍ତୀ ବକ୍ତୃତାମାଳା



ସମ୍ବଲପୁର : ଅଗ୍ରଣୀ ଅନୁଷ୍ଠାନ 'ସେତୁ'ର ରଜତ ଜୟନ୍ତୀ ପାଳନ ଅବସରରେ ଓଡ଼ିଶା ଲୋକସଂସ୍କୃତି ଗବେଷଣା ପରିଷଦ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ସହଭାଗିତାରେ ଜିଏମ୍‌ୟୁ ପ୍ରେକ୍ଷାଳୟରେ "ଓଡ଼ିଶାର ଲୋକସଂସ୍କୃତି ଓ ପରମ୍ପରା' ଶୀର୍ଷକ ରାଜ୍ୟସ୍ତରୀୟ ସମ୍ମାନ ଆୟୋଜିତ ହୋଇଥିଲା । 'ସେତୁ' ସଭାପତି ଡକ୍ଟର ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମାନର ଉଦ୍‌ଘାଟନୀ ଅଧିବେଶନରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟଅତିଥି ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ ତଲାବିରା ପ୍ରକଳ୍ପର ମୁଖ୍ୟ ମହାପ୍ରବନ୍ଧକ ଏନ ଫ୍ରାଙ୍କଲିନ ଜୟକୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । 'ସେତୁ' କାର୍ଯ୍ୟକାରିଣୀ ସଭ୍ୟ ପ୍ରଫେସର କାମଦେବ ସାହୁ ବିଷୟବସ୍ତୁ ଉପସ୍ଥାପନ ଏବଂ ଜିଏମ୍‌ୟୁ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମାନର ଦ୍ୱିତୀୟ ପର୍ଯ୍ୟାୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଗୌରାଙ୍ଗ ଚରଣ ଦାଶ 'ଓଡ଼ିଶାର ଲୋକସଂସ୍କୃତି ଓ ପରମ୍ପରା' ବିଷୟକ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ଡଃ ନିମାଇଁ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ 'ଅବଲୁପ୍ତପ୍ରାପ୍ତ ଲୋକକଳା : ଉଦବେଗର ବିଷୟ ଉପରେ ଜିଏମ୍‌ୟୁ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା ଆଲୋଚନା କରିଥିବା ବେଳେ 'ଲୋକକଳାର ସଂରକ୍ଷଣ ଓ ପୁନରୁଦ୍ଧାର' ଏକ ଆହ୍ୱାନ ବିଷୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭୀମଭୋଇ ଚେୟାରର ପୂର୍ବତନ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ରଥ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଡଃ ସ୍ୱପ୍ନପ୍ରକାଶ ପଣ୍ଡା ଏବଂ ଗୀତାରାଣୀ ମିଶ୍ର କାର୍ଯ୍ୟକ୍ରମର ବିବରଣୀ ପ୍ରସ୍ତୁତ କରିଥିଲେ । 'ସେତୁ' ସମ୍ପାଦକ ସୁକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

22 - 28 January 2023



# ଝାରସୁଗୁଡ଼ା ମହୋତ୍ସବ 'ଦୁଲଦୁଲି' ଉଦ୍‌ଯାପିତ





ଝାରସୁଗୁଡ଼ା : ପାଞ୍ଚଦିନ ବ୍ୟାପୀ ଆୟୋଜିତ ଝାରସୁଗୁଡ଼ା ଲୋକ ମହୋତ୍ସବ 'ଦୁଲ୍‌ଦୁଲି' ଉଦ୍‌ଯାପିତ ହୋଇଯାଇଛି ।

ଉଦ୍‌ଯାପନୀ ସଂଧାରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ସମୃଦ୍ଧ ଝାରସୁଗୁଡ଼ାରେ ଜିଲ୍ଲା ମହୋତ୍ସବ ଦୁଲଦୁଲି ଜନ ମାନସରେ ଏକ ନିଆରା ପରିଚୟ ସୃଷ୍ଟି କରି ପାରିଛି । ଝାରସୁଗୁଡ଼ା ବାସୀଙ୍କ ଦୁଲଦୁଲିକୁ ପ୍ରଚୁର ଭଲ ପାଇବା ଏହାର ନିଦର୍ଶନ । ରାଜ୍ୟ ଏବଂ ରାଜ୍ୟ ବାହାରର ଶିଳ୍ପୀ ତଥା କୁଶଳୀ କାରିଗରଙ୍କ କୁଟୀର ଶିଳ୍ପଜାତ୍ୟ ଦ୍ରବ୍ୟର ପ୍ରଦର୍ଶନ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିଛି । ଝାରସୁଗୁଡ଼ା ଜିଲ୍ଲାକୁ ବିକାଶ ପଥରେ ଆଗେଇ ନେବାକୁ ଆଜି ସଂକଳ୍ପ ନେବା ବୋଲି କହିଥିଲେ ମୁଖ୍ୟ ଅତିଥି ।

ବ୍ରଜରାଜନଗର ପୌରାଧକ୍ଷା ଯାଜ୍ଞସେନୀ ଓରାମ, ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡା, ଲଖନପୁର ପଞ୍ଚାୟତ ସମିତି ଅଧକ୍ଷା ହୁତେଶ୍ୱରୀ ତିହିରିଆ, କିର୍ମିରା ପଞ୍ଚାୟତ ସମିତି ଅଧକ୍ଷା କୃଷ୍ଣପ୍ରିୟା ସାହୁ, ଓପିଜିସିର ଏଜିଏମ୍ (ଆଡମିନ ଆଣ୍ଡ ସିଏସଆର୍) ନୃସିଂହନାଥ ଷଡଙ୍ଗୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଫୁଟବଲ ଖେଳାଳୀ ଟଙ୍କଧର ବାଗ, ଚିତ୍ରଶିଳ୍ପୀ ଶରତ କ୍ଷତ୍ରୀଙ୍କୁ ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଓରମାସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭାଗ୍ୟଲକ୍ଷ୍ମୀ ରାଉତ ସମ୍ବର୍ଦ୍ଧନା ପର୍ବକୁ ସଂଯୋଜନା କରିଥିବା ବେଳେ ଆନନ୍ଦିନୀ ପାଢ଼ୀ ସ୍ୱାଗତ ଭାଷଣ ଏବଂ ତାପସରାୟ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ୬୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଘୋଷଣା କରାଯାଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନବ ଦାସ ଏହି ଉତ୍ସବକୁ ଉଦଘାଟନ କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ତଥା ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ଝାରସୁଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷା ଚିତ୍ରାଣୀ ପଟେଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ମହୋତ୍ସବର ସଂଯୋଜକ ତାପସରାୟ ଚୌଧୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଝାଡ଼େଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି କନକଦୁର୍ଗା ମନ୍ଦିରରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା । ସେଠାରୁ ଶୋଭାଯାତ୍ରା ବାହାରିବା ସହ ମଞ୍ଚ ଠାରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ଜିଲ୍ଲାପାଳ ସରୋଜ କୁମାର ସାମଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟ ଉନ୍ନୟନ ଅଧିକାରୀ ତପୀରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ, ଲଙ୍କେଶ୍ୱର ଅମାତ ପ୍ରମୁଖ ସାମିଲ ହୋଇଥିଲେ ।

# ଅତିରିକ୍ତ ଜିଲ୍ଲାପାଳ ଯାଦୁ ଦେଖାଇଲେ

ସୋନପୁର : ସୁବର୍ଣ୍ଣପୁର ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାର ଶେଷ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଯାଦୁ ଖେଳ ପ୍ରଦର୍ଶନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅଭିଜ୍ଞ ଯାଦୁକରଙ୍କ ଭଳି ପ୍ରଥମେ ଏକ ଯାଦୁବାଡ଼ି ତିଆରି କରିଥିଲେ । ତହିଁରୁ ଏକ ପାରା ଉଡ଼ାଇଥିଲେ । ସେହିଭଳି ଏକ ବାକ୍ସରୁ ଠେକୁଆ



ବାହାରକରିବା ଓ ତାସ କାର୍ଡ଼ ଭିତରୁ ରୁମାଲ ବାହାର କରିବା ଦେଖି ଦର୍ଶକଙ୍କ ଆଖି ଖୋସି ହୋଇ ଯାଇଥିଲା । ନିଜର ଯାଦୁ ପ୍ରଦର୍ଶନକୁ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାଶ କହିଛନ୍ତି, ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ପଦ ପଦବୀରେ ବହୁବର୍ଷର ଚାକିରିକାଳରେ ସାଧାରଣ ଲୋକଙ୍କ ସହିତ ସେ ସହିତ ଜଡ଼ିତ ରହି ଆସିଛନ୍ତି । ମାତ୍ର ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ଲୋକଙ୍କ ସହିତ ଆହୁରି ନିବିଡ଼ତା ବଢ଼ାଇବା ଓ ମହୋତ୍ସବକୁ ଏକ ନୂତନ ଦିଗଦେବା ଉଦ୍ଦେଶ୍ୟର ଏହି ନିଆରା ଯାଦୁ ଖେଳ ପ୍ରଦର୍ଶନ କରିଥିଲେ । ଯାଦୁ ଖେଳ ପ୍ରତି ସ୍କୁଲ ସମୟରୁ ତାଙ୍କର ଆଗ୍ରହ ଥିଲା । ଯାଦୁର ବିଭିନ୍ନ କୌଶଳ ଶିଖୁଶିଖୁ ଶିଖୁଥିବା ସେ ପ୍ରକାଶ କରିଛନ୍ତି । ଏପରିକି ପ୍ରକୃତିରେ ଥିବା ଗଛଲତା, ନଦୀନାଳ, ପଶୁପକ୍ଷୀ ଆଦିଙ୍କୁ ଅନୁସରଣ କରି ମଧ ଯାଦୁର କିଛି କୌଶଳ ଥିବା କହିଥିଲେ । ଯାଦୁକୁ ଆବାଳ ବୃଦ୍ଧବନିତା, ବିଶେଷ ଭାବେ ଛୋଟ ପିଲାମାନେ ବେଶି ପସନ୍ଦ କରିଥାନ୍ତି । ଯାଦୁ ପ୍ରଦର୍ଶନ ଛୋଟ ପିଲାଙ୍କ ଏକାଗ୍ରତାରେ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି ।

# ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଉଦଯାପିତ






ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡ଼ା ସ୍ଥିତ ଦଧିବାମନ ମନ୍ଦିର ଠାରେ ଗତ ୧୩ ତାରିଖରୁ ଚାଲିଥିବା ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ବୃନ୍ଦାବନ ନିବାସୀ ବାବା ହରେକୃଷ୍ଣ ଦାସ ଏଥିରେ ପ୍ରତ୍ୟହ ଶ୍ରୀମଦ ଭାଗବତ ଉପରେ ପ୍ରବଚନ ଦେଉଥିଲେ । ବାଦ୍ୟ ଯନ୍ତ୍ରରେ ତାଙ୍କୁ ହରିଚରଣ ଦାସ, ରାଜକିଶୋର ପଣ୍ଡା, ରସରାଜ ଦାସ ଓ ଶିବମ ମିଶ୍ର ସହଯୋଗ କରିଥିବା ବେଳେ ପଣ୍ଡିତ ମୋହିତ ମିଶ୍ର ଭାଗବତର ମୂଳପାଠ ଓ ପଣ୍ଡିତ ବ୍ରଜେଶ ମିଶ୍ର ପୂଜାର୍ଚ୍ଚନା କରିଥିଲେ । ମହେନ୍ଦ୍ର ଦଳପତ ଏବଂ କ୍ଷୀରାବ୍ଧି ତନୟା ପଣ୍ଡା, ବିଘ୍ନେଶ ପ୍ରସାଦ ମିଶ୍ର ଓ ସସ୍ମିତା ମିଶ୍ର, ରାଜେନ୍ଦ୍ର ମହାପାତ୍ର ଓ ସନ୍ଧ୍ୟା ମହାପାତ୍ର, ଗୋପାଳ ପୃସେଠ ଠ ଓ ଜ୍ୟୋତି, ପ୍ରେମାନନ୍ଦ ପଣ୍ଡା ଓ ସୁପ୍ରଭା, ଯୁଗଳ କିଶୋର ଦାସ ଓ ସବିତା ଏବଂ କମଳା ଦାସୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ୟୋକ୍ତା ପୂର୍ବତନ ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ଏହାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଭୋଳାରାମ ଟିବ୍ରୀୱାଲ, ଶ୍ରୀକାନ୍ତ ପାଣିଗ୍ରାହୀ, ରାଜେନ୍ଦ୍ର ମହାପାତ୍ର, ମନବୋଧ ତ୍ରିପାଠୀ, ବାବାଜୀ ପଟ୍ଟନାୟକ, ପାର୍ଥସାରଥୀ ଦାନୀ, ସ୍ନିଗ୍ଧାଶ୍ରୀ ବହିଦାର, କଲ୍ୟାଣୀ ମିଶ୍ର, ଜ୍ୟୋତ୍ସ୍ନା ପ୍ରମୁଖ ସହଯୋଗ କରିଥିଲେ ।

# ସମ୍ବଲପୁରରୁ ତୀର୍ଥରେ ଗଲେ ବରିଷ୍ଠ ନାଗରିକ



ସମ୍ବଲପୁର : ପଶ୍ଚିମ ଓଡ଼ିଶାର ୧୦ ଟି ଜିଲ୍ଲାର ୯୪୩ ଜଣ ବରିଷ୍ଠ ନାଗରିକ ବୃନ୍ଦାବନ, ମଥୁରା ଏବଂ ଆଗ୍ରା ସହର ଭ୍ରମଣ କରିବା ପାଇଁ ଏଠାରୁ ବାହାରିଥିବା ଏକ ସ୍ୱତନ୍ତ୍ର ଟ୍ରେନକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସରେ ଯାତ୍ରାର ଶୁଭାରମ୍ଭ କରିଥିଲେ । ସମ୍ବଲପୁର ରେଳ ଷ୍ଟେସନରେ ମନ୍ତ୍ରୀ ଟୁକୁନି ସାହୁ ଓ ରୋହିତ ପୂଜାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାସହ ଉପ-ବାଚସ୍ପତି ରଜନୀକାନ୍ତ ସିଂହ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଯୋଜନା ଉପଦେଷ୍ଟା ଦୁର୍ଗା ସାମନ୍ତରାୟ, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପଣ୍ଡରୀରେ ସାଂସ୍କୃତିକ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ




ଝାରସୁଗୁଡ଼ା : ଲଖନପୁର ବ୍ଲକ ପଣ୍ଡରି ପଞ୍ଚାୟତ ଗୋସେଇଁ ଖୋଲସ୍ଥିତ ସର୍ବ ଧର୍ମ ସମନ୍ୱୟ ପୀଠରେ ଏକ ସାଂସ୍କୃତିକ ମଣ୍ଡପ ନିର୍ମାଣ ନିମନ୍ତେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମଣ୍ଡପ ନିର୍ମାଣ ନିମନ୍ତେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୬ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି ।

# ସମ୍ବଲପୁରରେ ଏମ୍.ପିଙ୍କ ଅଧ୍ୟକ୍ଷତାରେ 'ଦିଶା' ବୈଠକ




ସମ୍ବଲପୁର : ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଲୋକ ସଭା ସଦସ୍ୟ ନୀତେଶ ଗଙ୍ଗଦେବଙ୍କ ଅଧକ୍ଷତାରେ ଦିଶା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଲୀପ ବଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ଅନନ୍ୟା ଦାସ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ । ଉପସ୍ଥିତ ଥିବା ଜନପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନ ଓ ଅଭିଯୋଗ ଉପରେ ସଠିକ ମତ ରଖିବାକୁ ଜିଲ୍ଲାପାଳ ବିଭିନ୍ନ ଲାଇନ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ସଫଳ ଓ ବିଫଳତା, ଲକ୍ଷ୍ୟ ଧାର୍ଯ୍ୟ, ବିଫଳତାର କାରଣ ଉପରେ ଆଲୋଚନା ହୋଇଥିଲା । କେନ୍ଦ୍ରୀୟ ଯୋଜନା ଏନ୍‌ଜିଏନ୍ ଆର୍‌ଇଜିଏସ୍, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମଧାହ୍ନ ଭୋଜନ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, କୃଷି ସ୍ୱାସ୍ଥ୍ୟକାର୍ଡ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ସମନ୍ୱିତ କୃଷି ବିକାଶ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ସହିତ ଜିଲ୍ଲାରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ଆଲୋଚନା ହୋଇଥିଲା । ପଞ୍ଚାୟତ, ବ୍ଲକ, ଜିଲା ସଦର ମହକୁମାରେ ଲୋକଙ୍କ ସଚେତନତା ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ତାଲିକା ଲଗାଇବାକୁ ବିଧାୟକମାନେ କହିଛନ୍ତି । ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଶେଷରେ ଲୋକ ସଭା ସଦସ୍ୟ ଗଙ୍ଗଦେବ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏଥିରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲାପାଳ ଅନନ୍ୟା ଦାସ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ବିଧାୟକ ରବି ନାରାୟଣ ନାୟକ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra